بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ସାପ୍ତାହିକ ବଦର୍ Weekly BADAR Qadian Odia କାଦିଆନ

ଖଣ୍ଡ: ୫

ସଂଖ୍ୟା: 40

ବାର୍ଷିକ ଦେୟ : ୬୦୦/-

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

www.akhbarbadr.in

19 ରବିଉଲ୍ ଅୱଲ୍ 1445 ହି.କ, 05 ଇଖା ତୁବୁକ୍ 1402 ହି.ଶ 05 OCT 2023 ମସିହା


**ଅଲ୍ଲାଃତାଲାଙ୍କ ବାଣୀ**

وَلَا تَقُوۡلَنَّ لِشَایۡءٍ اِنِّیۡ فَاعِلٌ ذٰلِکَ غَدًا اِلَّاۤ اَنۡ یَّشَآءَ اللّٰہُ

**(ଅଲ୍ କହଫ୍-24,25)**

ଅନୁବାଦ : ଏବଂ ତୁମ୍ଭେ କୌଣସି ବିଷୟରେ ଦାବି କରି କଦାପି କୁହ ନାହିଁ ଯେ, ଆମ୍ଭେ ନିଶ୍ଚୟ କାଲି ଏହି ଏହି କାର୍ଯ୍ୟ କରିବୁ । ହଁ ସେହିପରି ଭାବରେ କରିବି ଯେପରି ଅଲ୍ଲାଃତାଲା ଇଚ୍ଛା କରିବେ ।

**ଅହମଦିୟା ଖବର**

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ନିଷ୍ପେଷିତର ଅଭିଶାପରୁ ସର୍ବଦା ବର୍ତ୍ତିବା ପାଇଁ ପ୍ରୟାସ କରିବା ଉଚିତ୍ ।

(244୫) ହ. ଇବନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ମୁଆଜ୍ ର.ଅଙ୍କୁ ୟମନ୍ ଅଭିମୁଖେ ପ୍ରେରଣ କଲେ ଏବଂ ଆପଣ ର.ଅ ଙ୍କୁ କହିଲେ : ହେ ମୁଆଦ୍ ନିଷ୍ପେଷିତ ବ୍ୟକ୍ତିର ଅଭିଶାପରୁ ସର୍ବଦା ବର୍ତ୍ତିବା ପାଇଁ ପ୍ରୟାସ କରିବ । କାରଣ ନିଷ୍ପେଷିତ ଓ ଅଲ୍ଲାଃତାଲାଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ ।

(244୯) ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ତିରସ୍କାର କରେ କିମ୍ବା ଉକ୍ତ ବ୍ୟକ୍ତି ଉପରେ ଅକଥନୀୟ ଅନ୍ୟାୟ ଓ ଅତ୍ୟାଚାର କରେ ତେବେ ସେ ପରିପ୍ରେକ୍ଷୀରେ ଏହା ଉଚିତ ହେବ ଯେ, ଅତ୍ୟାଚାରୀ ବ୍ୟକ୍ତି ଏହି ସଂସାରରେ ହିଁ କ୍ଷମା ମାଗି ନେଉ । କାରଣ ପ୍ରଳୟ ଦିବସରେ ନା ଦିନାର ହେବ ଓ ନା ହିଁ ଦିରହମ୍ ହେବ (ଅର୍ଥାତ କୌଣସି ଧନ କାମ ଦେବ ନାହିଁ) । ଯଦି ଅତ୍ୟାଚାରୀ ବ୍ୟକ୍ତିର କୌଣସି ପୁଣ୍ୟ କର୍ମ ଥିବ ତେବେ ସେପରିପ୍ରେକ୍ଷୀରେ ସେହି ଅତ୍ୟାଚାରୀ ବ୍ୟକ୍ତି ନିରୀହ ଓ ନିଷ୍ପେଷିତ ବ୍ୟକ୍ତି ଉପରେ ଯେତିକି ଅତ୍ୟାଚାର କରିଥିବ ତେବେ ଅତ୍ୟାଚାରୀ ବ୍ୟକ୍ତିର ପୁଣ୍ୟ କର୍ମରୁ ସେତିକି ପରିମାଣର ପୁଣ୍ୟ ସେହି ଅତ୍ୟାଚାରୀ ବ୍ୟକ୍ତି ପାଖରୁ ନେଇ ନିଆଯିବ । ଆଉ ଯଦି ଅତ୍ୟାଚାରୀ ବ୍ୟକ୍ତିର କୌଣସି ପୁଣ୍ୟ କର୍ମ ନଥିବ ତେବେ ନିଷ୍ପେଷିତ ବ୍ୟକ୍ତିର ମନ୍ଦ କର୍ମରୁ ନେଇ ଉକ୍ତ ଅତ୍ୟାଚାରୀ ବ୍ୟକ୍ତିକୁ ଦେଇ ଦିଆଯିବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

☆ ☆ ☆

## ପ୍ରତିଶ୍ରୁତ ମସିହ୍ଅ.ସଙ୍କ ନିତୀବାଣୀ:-

**ଚରିତ୍ର ହିଁ ପୁଣ୍ୟର ଜନନୀ ଅଟେ । ପୁଣ୍ୟର ପ୍ରଥମ ସୋପାନରୁ ହିଁ ମନୁଷ୍ୟ ଶକ୍ତି ପ୍ରାପ୍ତ କରିଥାଏ ଓ ଚରିତ୍ର ସମ୍ପନ୍ନ ବ୍ୟକ୍ତିରେ ପରିଣତ ହୋଇଥାଏ ।**

**ମୋର ଏହି ଧର୍ମମତ ରହିଛି ଯେ, ସଂସାରର ପ୍ରତ୍ୟେକ ବସ୍ତୁ ଉପଯୋଗୀ ଅଟେ । କିନ୍ତୁ ମନୁଷ୍ୟ ଯେତେବେଳେ ସର୍ବୋଚ୍ଚ ଉତ୍ତମ ଚରିତ୍ରକୁ ପ୍ରାପ୍ତ କରି ହିତସାଧନକାରୀ ଓ ପରୋପକାରୀ ବ୍ୟକ୍ତିରେ ପରିଣତ ହୁଏ ନାହିଁ ସେତେବେଳେ ତା'ର ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ହେବା କିଛି କାମ ଦେଇନଥାଏ ।**

### .....(ଚରିତ୍ର ହିଁ ପୁଣ୍ୟର ଚାବିକାଠି).....

ଚରିତ୍ର ହେଉଛି ଅନ୍ୟ ପୁଣ୍ୟାବଳୀର ଚାବିକାଠି । ଯେଉଁ ଲୋକମାନେ ନିଜର ଚରିତ୍ର ସଂଶୋଧନ କରନ୍ତି ନାହିଁ ସେମାନେ କ୍ରମଶଃ ପୁଣ୍ୟହୀନ ହୋଇଯାଆନ୍ତି । ମୋର ଏହି ଧର୍ମମତ ରହିଛି ଯେ, ସଂସାରର ପ୍ରତ୍ୟେକ ବସ୍ତୁ ଉପଯୋଗୀ ଅଟେ । ବିଷ ଓ ମଳ ମଧ୍ୟ ଉପଯୋଗୀ ଓ ଉପାଦେୟ ଅଟେ । ଇଷ୍ଟ୍ରେକିନା **(ବିଷ)** ମଧ୍ୟ ଉପାଦେୟ ଅଟେ । ସ୍ନାୟୁ ତନ୍ତ୍ରିକାରେ ଏହା ନିଜର ପ୍ରଭାବ ପକାଇଥାଏ । କିନ୍ତୁ ମନୁଷ୍ୟ ଯେତେବେଳେ ସର୍ବୋଚ୍ଚ ଉତ୍ତମ ଚରିତ୍ରକୁ ପ୍ରାପ୍ତ କରି ହିତସାଧନକାରୀ ଓ ପରୋପକାରୀ ବ୍ୟକ୍ତିରେ ପରିଣତ ହୁଏ ନାହିଁ ସେତେବେଳେ ତା'ର ସମସ୍ତ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ହେବା କିଛି କାମ ଦେଇ ନଥାଏ । ବରଂ ତାହା ବୃଥା ହୋଇଯାଇଥାଏ । ମନୁଷ୍ୟ ସେତେବେଳେ ଶବଖିଆ ପ୍ରାଣୀ ଠାରୁ ମଧ୍ୟ ହୀନ ଓ ନିକୃଷ୍ଟ ହୋଇଯାଇଥାଏ । କାରଣ ତା'ର (ଶବ ଖିଆ ଜୀବର) ଚର୍ମ ଓ ଅସ୍ଥି ମଧ୍ୟ ବ୍ୟବହାର ଉପଯୋଗୀ ହୋଇଥାଏ । କିନ୍ତୁ ଚରିତ୍ର ହୀନ ବ୍ୟକ୍ତିର ଚର୍ମ ମଧ୍ୟ ଉପଯୋଗୀ ହୋଇ ନଥାଏ । ଏହା ହିଁ ସେହି ମର୍ଯ୍ୟାଦି ଯାହାର بَلۡ هُمۡ اَضَلُّ ର ଚରିତାର୍ଥ ମନୁଷ୍ୟ ହୋଇଯାଇଥାଏ । ସୁତରାଂ ମନେରଖ ଯେ, ଚାରିତ୍ରିକ ସଂଶୋଧନ ଅତ୍ୟନ୍ତ ଆବଶ୍ୟକୀୟ ପ୍ରସଙ୍ଗ ଅଟେ ।

ଚରିତ୍ର ହିଁ ପୁଣ୍ୟର ଜନନୀ ଅଟେ । ପୁଣ୍ୟର ପ୍ରଥମ ସୋପାନରୁ ହିଁ ମନୁଷ୍ୟ ଶକ୍ତି ପ୍ରାପ୍ତ କରିଥାଏ ଓ ଚରିତ୍ର ସମ୍ପନ୍ନ ବ୍ୟକ୍ତିରେ ପରିଣତ ହୋଇଥାଏ । ଦୁଇଟି ଶବ୍ଦ ରହିଛି ଯଥା **1**- ଖଲକ୍ ଓ ଅନ୍ୟଟି **2**- ଖୁଲକ୍ । ଖଲକ୍ କହିଲେ ପ୍ରକାଶ୍ୟଗତ ଜନ୍ମକୁ ବୁଝାଏ ଏବଂ ଖୁଲକ୍ କହିଲେ ଅପ୍ରକାଶ୍ୟ ଅର୍ଥାତ ଆଭ୍ୟନ୍ତରୀଣ ଜନ୍ମକୁ ବୁଝାଏ । ଯେପରିକି ଜଣେ ପ୍ରକାଶ୍ୟ ରୂପେ ସୁନ୍ଦର ହୋଇଥାଏ ଓ ଅନ୍ୟ ଜଣେ ଅତ୍ୟନ୍ତ ଅସୁନ୍ଦର ହୋଇଥାଏ । ଠିକ୍ ସେହିପରି କୌଣସି ବ୍ୟକ୍ତିର ଆଭ୍ୟନ୍ତରୀଣ ଜନ୍ମ ଅତ୍ୟନ୍ତ ସୁନ୍ଦର ଏବଂ ଚିତ୍ତାକର୍ଷକ ହୋଇଥିବା ବେଳେ ଅନ୍ୟ ବ୍ୟକ୍ତିର ଆଭ୍ୟନ୍ତରୀଣ କୁଷ୍ଠ ଓ ବଡ଼ରୋଗ ବ୍ୟାଧି ପରି ହୋଇଥାଏ । କିନ୍ତୁ ପ୍ରକାଶ୍ୟ ରୂପେ ଯଦିଓ ତାହା ଦୃଶ୍ୟମାନ ହୋଇଥାଏ । ଅତଃ ପ୍ରତ୍ୟେକ ବ୍ୟକ୍ତି ଦେଖିବା ମାତ୍ରେ ଚିହ୍ନି ପକାଇଥାଏ । ତେଣୁ ମନୁଷ୍ୟ ସର୍ବଦା ସୌନ୍ଦର୍ଯ୍ୟତାକୁ ସର୍ବଦା ପସନ୍ଦ କରିଥାଏ ଏବଂ ସେ ଅସୁନ୍ଦର ଓ ଅଶିଷ୍ଟତାକୁ ପସନ୍ଦ କରି

ନଥାଏ । ମନୁଷ୍ୟ କେବେବି ଅସୁନ୍ଦର, ଅଶିଷ୍ଟ, ଅସଭ୍ୟ ବ୍ୟକ୍ତିକୁ ପସନ୍ଦ କରି ନଥାଏ । କିନ୍ତୁ ମନୁଷ୍ୟ ସ୍ୱଚକ୍ଷୁରୁ ସୁନ୍ଦର ବସ୍ତୁକୁ ଦେଖିଥାଏ ତେଣୁ ସେ ସୌନ୍ଦର୍ଯ୍ୟକୁ ହିଁ ପସନ୍ଦ କରିଥାଏ । କିନ୍ତୁ ମନୁଷ୍ୟ ଚରିତ୍ରକୁ କେବେ ଦେଖି ନାହିଁ । ତେଣୁ ମନୁଷ୍ୟ ଚରିତ୍ରର ବିଶେଷତା ଓ ଉପକାରିତା ଠାରେ ସେ ଅପରିଚିତ ଓ ଅନବଗତ ଅଟେ । ସେଇଥି ପାଇଁ ସେ ଚରିତ୍ରକୁ ପସନ୍ଦ କରେ ନାହିଁ । ଜଣେ ଅନ୍ଧ ବ୍ୟକ୍ତି ପାଇଁ ସୁନ୍ଦରତା ଓ ଅସୁନ୍ଦରତା ଏକାପରି ।  ଅର୍ଥାତ ମୂଲ୍ୟହୀନ ଅଟେ । ଠିକ୍ ସେହିପରି ଯେଉଁ ବ୍ୟକ୍ତିର ଦୃଷ୍ଟି ଭିତର ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ ତେବେ ସେ ଅନ୍ଧ ବ୍ୟକ୍ତି ପରି ଅଟେ । **ଖଲ୍କ୍** ଏକ ସ୍ପଷ୍ଟ ପ୍ରସଙ୍ଗ ଅଟେ । କିନ୍ତୁ **ଖୁଲ୍କ୍** ଏକ ଦୃଷ୍ଟିଶକ୍ତି ଜନିତ ପ୍ରସଙ୍ଗ ଅଟେ । ସୁତରାଂ ମନୁଷ୍ୟକୁ ଯେତେବେଳେ ଚାରିତ୍ରିକ ମନ୍ଦ ଓ ତାହାର ଅଭିଶାପ ସଂପର୍କରେ ଅବବୋଧ ପ୍ରାପ୍ତ ହୁଏ ସେତେବେଳେ ବାସ୍ତବତା ଓ ସତ୍ୟତା ତା' ଆଗରେ ଉଦ୍‌ଘାଟିତ ହୋଇଯିବ । ସୁତରାଂ ଚାରିତ୍ରିକ ସୌନ୍ଦର୍ଯ୍ୟ ଏଭଳି ଏକ ସୌନ୍ଦର୍ଯ୍ୟ ଯାହାକୁ ପ୍ରକୃତ ସୌନ୍ଦର୍ଯ୍ୟ ରୂପେ ବିବେଚିତ କରିବା ଉଚିତ୍ । ଖୁବ୍ ସ୍ୱଳ୍ପ ଲୋକମାନେ ଅଟନ୍ତି ଯେଉଁମାନେ ଏହାକୁ ଚିହ୍ନନ୍ତି । ଚରିତ୍ର ହେଉଛି ପୁଣ୍ୟାବଳୀର ଚାବିକାଠି । ଯେପରିକି  ଉଦ୍ୟାନର ପ୍ରମୁଖ ଦ୍ୱାରରେ ଯଦି ତାଲା ଝୁଲିଥାଏ ତେବେ ଦୂରରୁ ଉଦ୍ୟାନର ପୁଷ୍ପ ଓ ଫଳ ଦୃଶ୍ୟମାନ ହୋଇଥାଏ । କିନ୍ତୁ ଉଦ୍ୟାନ ଭିତରକୁ ଯାଇ ସେହି ସୌନ୍ଦର୍ଯ୍ୟକୁ ଉପଭୋଗ କରିହୁଏ ନାହିଁ । କିନ୍ତୁ  ଯଦି ଉଦ୍ୟାନର ମୁଖ୍ୟ ଦ୍ୱାରର ତାଲା ଖୋଲିଦିଆଯାଏ ତେବେ ଉଦ୍ୟାନ ଭିତରକୁ ଯାଇ ସଂପୂର୍ଣ୍ଣ ବାସ୍ତବତା ସଂକ୍ରାନ୍ତରେ ଅବଗତ ହୋଇପାରିବା ଏବଂ ମନମସ୍ତିଷ୍କରେ ଏକ ସତେଜତା ସୃଷ୍ଟି ହୋଇଥାଏ । ଠିକ୍ ସେହିପରି ଚରିତ୍ରକୁ ପ୍ରାପ୍ତ କରିବାର ଅର୍ଥ ମସ୍ତିଷ୍କର ତାଲାକୁ ଖୋଲି ମସ୍ତିଷ୍କ ରୂପ ଉଦ୍ୟାନରେ ପ୍ରବେଶ କରିବାକୁ ବୁଝାଏ ।

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-481, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ଖ୍ରୀଷ୍ଟ ଧର୍ମ ଏହି ପରି ପ୍ରାରମ୍ଭ ହୋଇଥିଲା ଯେ, ସେମାନେ ପ୍ରେତିମା ପୂଜା ବିରୁଦ୍ଧରେ ଜିହାଦ୍ (ଧର୍ମଯୁଦ୍ଧ) କରୁଥିଲେ ଏବଂ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ଠାରୁ ବର୍ତ୍ତିବା ପାଇଁ ସେମାନେ ଶତାବ୍ଦୀ ଧରି ବଡ଼ ବଡ଼ ବଳିଦାନ ଦେଇଥିଲେ । କିନ୍ତୁ ପରିଣାମ ଏହା ହେଲା ଯେ, ସେମାନେ ପ୍ରକୃତ ଧର୍ମରୁ ଦୂରେଇ ଗଲେ ଏବଂ ଧର୍ମର ଚିହ୍ନ ବର୍ଣ୍ଣ ମଧ୍ୟ ବର୍ତ୍ତମାନ ଆଉ ସେମାନଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍ ଓ ଅସ୍‌ହାବେ କହଫ୍ (କହଫ୍‌ବାସୀ)ର ବ୍ୟାଖ୍ୟା କରି କୁହନ୍ତି: କହଫ୍ ସଂକ୍ରାନ୍ତରେ ମୁଁ ସଂକ୍ଷିପ୍ତ କେତେକ ଘଟଣାବଳୀର ଚର୍ଚ୍ଚା କରି ଦେଉଛି । ଯେପରିକି ମୁଁ ବର୍ଣ୍ଣନା କରି ସାରିଛି ଯେ, କ୍ୟାଟା କୋମ୍ବସ୍ ଯେଉଁମାନେ କି ଭୂଗର୍ଭରେ ବାସ କରୁଥିବା ଜାତିର ନାମ ଅଟେ । ରୋମ୍‌ବାସୀ ଓ ଇହୁଦୀମାନଙ୍କ ମଧ୍ୟରେ ଏହି ପ୍ରଥା ଥିଲା ଯେ, ସେମାନେ ମୃତକ ବ୍ୟକ୍ତିଙ୍କର ପାର୍ଥିବ ଶରୀରକୁ ଗୃହ ମଧ୍ୟରେ ସାଇତି ରଖୁଥିଲେ । ରୋମ୍‌ର ବଡ଼ ବଡ଼ ସହରରେ ନଗର ବାହାରେ ଏପରି ସ୍ଥାନ ନିର୍ମିତ ହୋଇଥିଲା ଯେ, ସେଗୁଡ଼ିକୁ କ୍ୟାଟାକମ୍ବସ୍ ବୋଲି କୁହାଯାଉଥିଲା । ଯେତେବେଳେ ଖ୍ରିଷ୍ଟିଆନ୍‌ମାନଙ୍କ ଉପରେ ଅତ୍ୟାଚାର ହେଲା ସେତେବେଳେ ସେମାନେ ଜୀବନ ବଞ୍ଚାଇବା ନିମନ୍ତେ ସେହି କବରଗୁଡ଼ିକ ମଧ୍ୟରେ ଆଶ୍ରୟ ନେବାକୁ ଆରମ୍ଭ କରିଦେଲେ । ଏହା ପଛରେ ଦୁଇଟି କାରଣ ଜଣାପଡୁଛି । ଯଥା:  **ପ୍ରଥମତଃ** ଏମାନେ ଭୂମି ତଳେ ଥିବା କୋଠରୀରେ ସହଜରେ ଲୁଚି ଯାଉଥିଲେ ଏବଂ ବସିବା, ଖାଇବା, ଶୋଇବା ଓ ପ୍ରତିକୂଳ ପାଣିପାଗରୁ ସୁରକ୍ଷିତ ରହିବା ସହିତ ସୁବିଧା ସୁଯୋଗର ସମସ୍ତ ସାଧନ ସେହି କବର ମଧ୍ୟରେ ଉପଲବ୍ଧ ଥିଲା । **ଦ୍ୱିତୀୟତଃ** ଏମାନେ ଭୂମି ତଳେ ଏଇଥିପାଇଁ ଲୁଚି ଯାଉଥିଲେ ଯେ, ସାଧାରଣତଃ ଲୋକମାନେ କବରସ୍ଥାନକୁ ଯିବାକୁ ଭୟ କରନ୍ତି ଓ ଏହିପରି ଭାବରେ ସେମାନେ ସେହି ସ୍ଥାନମାନଙ୍କର ଲୋକଙ୍କ ଦୃଷ୍ଟିରୁ ଲୁଚିବାର ସମ୍ଭାବନା ଅଧିକ ରହୁଥିଲା । ଏହି କ୍ୟାଟାକମ୍ବସ୍ ଜାତି ରୋମ୍ ନିକଟବର୍ତ୍ତୀ  ସିକନ୍ଦରିୟା ଯାହାକି ମିସର୍ ସହରରେ ଅବସ୍ଥିତ ତା' ନିକଟରେ ସିସ୍‌ଲି ଠାରେ, ମାଲଟା ଠାରେ, ନେପଲ୍‌ଜ୍ ନିକଟବର୍ତ୍ତୀ ସାଂପ୍ରତିକ ସମୟରେ ଆବିଷ୍କୃତ ହୋଇଛି । ମିଷ୍ଟର ବେଞ୍ଜାମିନ୍ ସ୍କଟ୍ ନିଜର ପୁସ୍ତକ **'ଦି କ୍ୟାଟାକମ୍ବଜ୍ ଆଟ୍ ରୋମ୍'**ରେ ଉଲ୍ଲେଖ କରନ୍ତି ଯେ, ମୋର ଏହି ମତ ରହିଛି ଯେ, ଏହି ପ୍ରାରମ୍ଭିକ ସମୟରେ ମଧ୍ୟ ଯେତେବେଳେ ପୌଲୁସ୍ ରୋମ୍‌କୁ ଯାଇଛି) ଖ୍ରୀଷ୍ଟିଆନ୍‌ମାନେ ନିଜର ସୁରକ୍ଷା ଦୃଷ୍ଟିରୁ ଲୋକମାନଙ୍କର  କ୍ରୋଧ ଓ ଇହୁଦୀମାନଙ୍କର ଅତ୍ୟାଚାର ଏବଂ ରୋମୀୟ ଶାସନ ଅତ୍ୟାଚାରରୁ ମୁକ୍ତି  ପାଇବା ପାଇଁ ଓ ବର୍ତ୍ତିବା ପାଇଁ ସେହି ଭୂତଳ ନିର୍ମିତ କୋଠରୀମାନଙ୍କରେ ଆଶ୍ରୟ ନେଉଥିଲେ ।" **(ପୃ-63)** ପୁନଶ୍ଚ ସେ ଆଗକୁ ଯାଇ ଉଲ୍ଲେଖ କରନ୍ତି ଯେ, ନିଃସନ୍ଦେହ ରୂପେ ସେମାନେ ବାଧ୍ୟ ଥିଲେ ଯେ, ସେମାନେ ସେହି ଗର୍ତ୍ତ ଏବଂ ଭୂତଳ ଗୁମ୍ଫାମାନଙ୍କରେ ଆଶ୍ରୟ ନେବାକୁ ।" ଏଠାରେ ଲେଖକ ଜଣକ ଭୂତଳ କୋଠରୀ ପାଇଁ **Cave** ଶବ୍ଦର ପ୍ରୟୋଗ କରିଛନ୍ତି ଯାହାକି ଆରବିକ ଭାଷାର କହଫ୍ ଶବ୍ଦର ଅପଭ୍ରଂଶ ଶବ୍ଦ ଅଟେ । ଅତଃ ଏହିପରି ଭାବରେ ସେହି ଇଂରେଜ ଲେଖକ ଜଣକ ଠିକ୍ ସେହି ଶବ୍ଦ ପ୍ରୟୋଗ କରିଛନ୍ତି ଯାହାକି ପବିତ୍ର କୁରଆନ୍ କରୀମ୍‌ରେ ବ୍ୟବହୃତ ହୋଇଛି । ସେମାନଙ୍କୁ (ଖ୍ରୀଷ୍ଟିଆନ୍‌ମାନେ) ଏପରି କରିବା ଆବଶ୍ୟକତ ଥିଲା, ରୋମୀୟ ଇତିହାସବିତ୍ ଟେସୀଟସ୍ (Tacitus)ର ଶାହାଦତରୁ ପ୍ରମାଣିତ ହୋଇଯାଇଥାଏ । ସେ କହେ କି ନିରୋ ଲୋକମାନଙ୍କୁ ପ୍ରସନ୍ନ କରିବା ପାଇଁ ଖ୍ରୀଷ୍ଟିଆନମାନଙ୍କୁ  ଜୀବନ୍ତ ଦଗ୍ଧ କରିବା, କୁକରଙ୍କ ଦ୍ୱାରା କାମୁଡ଼ାଇବା ଏବଂ କ୍ରୁଶ ଦେବାର ବିଭିନ୍ନ ପନ୍ଥା ଅବଲମ୍ବନ କରିଥିଲା । ତେଣୁ ସେ ଏହି ଅଭିପ୍ରାୟ ରଖି ନିଜର ସମ୍ଭ୍ରାନ୍ତୀୟ ଓ ରାଜକୀୟ ଉଦ୍ୟାନ୍‌କୁ ଦେଇଥିଲା । ଯେଉଁ ଜାତି ଉପରେ ଏଭଳି ଅକଥନୀୟ ଅତ୍ୟାଚାର ହେବ ନିଃସନ୍ଦେହ ରୂପେ ସେହି ଜାତି ଏଣେତେଣେ ପ୍ରାଣ ବିକଳରେ ଆଶ୍ରୟ ଲୋଡ଼ିବ ।

ଯେତେବେଳେ ଖ୍ରୀଷ୍ଟିଆନ୍‌ମାନେ ସେହି ସ୍ଥାନମାନଙ୍କରେ ଆଶ୍ରୟ ନେବାକୁ ଆରମ୍ଭ କଲେ ସେତେବେଳେ ଆଶ୍ରୟ ଦିନମାନଙ୍କରେ ସେମାନେ ଅତିରିକ୍ତ ସୁରକ୍ଷା ସକାଶେ ସେହି ଭୂମି ତଳେ କୋଠରୀ ନିର୍ମାଣ କରିବାକୁ ଆରମ୍ଭ କରିଦେଲେ । ସେହିପରି ଯେଉଁ ଲୋକମାନେ ଶହୀଦ୍ ହୋଇଥିଲେ ସେମାନଙ୍କର ଶବକୁ ବିକୃତ ହେବାରୁ ରକ୍ଷା କରିବା ସକାଶେ ମଧ୍ୟ ସେମାନେ ସେହି ଭୂତଳ କୋଠରୀରେ ଆଣି ସମାଧି (କବର) ଦେଉଥିଲେ । ଯଦିଚ ଏହି ପରମ୍ପରା ତିନିଶହ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିଲା ତେଣୁ ଏହି ଭୂତଳ କୋଠରୀର ସଂଖ୍ୟା ଏତେ ଅଧିକ ହୋଇଗଲା ଯେ, କେତେକ ଲୋକଙ୍କ ଆଶାନୁରୂପ ତାହା ପନ୍ଦର ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଯାଇଥିଲା ।

ଅତ୍ୟାଚାର ଯଦିଚ ଏକାପରି ଓ ସମାନ୍ତରାଳ ହୁଏ ନାହିଁ । କିନ୍ତୁ ମଧ୍ୟବର୍ତ୍ତୀ ସମୟରେ କେତେକ ସମ୍ରାଟମାନେ କୋହଳ ପ୍ରଦର୍ଶନ କରିବାକୁ ଲାଗି ଯାଆନ୍ତି ଏବଂ ଖ୍ରୀଷ୍ଟିଆନ୍‌ମାନେ ପୁନଃ ସହରକୁ ଫେରି ଆସୁଥିଲେ । ପୁନଶ୍ଚ ଯେତେବେଳେ ସେମାନଙ୍କ ଉପରେ କ୍ରୂରତାର ଯୁଗ ଆସୁଥିଲା ସେତେବେଳେ ସେମାନେ ପଳାୟନ କରି ସେହି ଭୂତଳ ଗୁମ୍ଫାରେ ନିର୍ମିତ ଭୂତଳ କୋଠରୀରେ ଆତ୍ମଗୋପନ କରୁଥେଲ ଏବଂ ଆଶ୍ରୟ ନେଥିଲେ । ତହିଁରୁ ଏହା ଜ୍ଞାତ ହୁଏ ଯେ, ସେମାନେ ସେହି ଭୂତଳ କୋଠରୀର ବା ଗୁମ୍ଫାରେ ମାସ ମାସ ଧରି କିମ୍ବା ବର୍ଷ ବର୍ଷ ଧରି ରହିବାକୁ ବାଧ୍ୟ ଥିଲେ । କାରଣ ସେହି ଭୂମି ତଳେ ନିର୍ମିତ ବିଦ୍ୟାଳୟ ଓ ଗୀର୍ଜା  ଯାହାକି କୋଠରୀ ଆକୃତିର ଥିଲା ତାହା ବର୍ତ୍ତମାନ ଆବିଷ୍କୃତ ହୋଇଛି ।

ଏହି ଭୂତଳ କୋଠରୀ ତିନି ମହଲା ବିଶିଷ୍ଟ ନିର୍ମିତ ହୋଇଥିଲା ଏବଂ 1924 ମସିହାରେ ଇଂଲଣ୍ଡ ଗସ୍ତରେ ଯିବା ସମୟରେ ରୋମରେ ମୁଁ  (ହ. ମୁସ୍‌ଲେହ୍ ମଉଦ୍ ର.ଅ) ସ୍ୱୟଂ ସେହି କୋଠରୀଗୁଡ଼ିକୁ ସ୍ୱଚକ୍ଷୁରେ ଦେଖିଛି । ପ୍ରଥମ ମହଲାର କୋଠରୀକୁ ମନୁଷ୍ୟ ବିନା କୌଣସି ସମସ୍ୟାରେ ଅତି ସହଜରେ ଦେଖି ପାରିବ । ଦ୍ୱିତୀୟ ମହଲାରେ ନିଃଶ୍ୱାସ ପ୍ରଶ୍ୱାସ ଜନିତ ସମସ୍ୟା ଦେଖା ଦେଇଥାଏ ଏବଂ ତୃତୀୟ ମହଲାରେ ଅର୍ଥାତ ସର୍ବ ନିମ୍ନ ମହଲାରେ  ଯିବା ଆଦ୍ରତା ଓ ଅନ୍ଧକାର ହେବା ଯୋଗୁଁ ପ୍ରାୟତଃ ତାହା ଦୃଶ୍ୟମାନ ହୋଇ ନଥାଏ । ମୁଁ ଦେଖିଛି ଯେ, ସେହି ଭୂତଳ କୋଠରୀଗୁଡ଼ିକୁ ଖ୍ରୀଷ୍ଟିଆନ୍‌ମାନେ ନିଜସ୍ୱ ଆବଶ୍ୟକତାନୁଯାୟୀ ଏପରି ନିର୍ମାଣ କରିଥିଲେ ଯେପରି ତାହା ବିଭ୍ରମକାରୀ ଓ ହତବୁଦ୍ଧି ସମ୍ପନ୍ନ ଥିଲା ଏବଂ ସୁରକ୍ଷାର ନିମ୍ନଲିଖିତ ପନ୍ଥା ତହିଁରେ ବ୍ୟବହାର କରାଯାଇଥିଲା ।

**(1)** ସେହି ଲୋକମାନେ ଦ୍ୱାର ସମ୍ମୁଖରେ କୁକୁର ରଖୁଥିଲେ । କାରଣ ଅଚିହ୍ନା ଓ ଅଜ୍ଞାତ ବ୍ୟକ୍ତିର ଆଗମନ ହେବା ମାତ୍ରେ କୁକୁର ଭୁକିବା ଯୋଗୁଁ ସେମାନେ ସତର୍କ ହୋଇଯାଉଥିଲେ । (2) ଭୂତଳ କୋଠରୀଗୁଡ଼ିକ ଯହିଁରେ ସେମାନେ ରହୁଥିଲେ । ଯେଉଁ ଠାରୁ ସେମାନଙ୍କୁ ଭୂପୃଷ୍ଠରୁ ନିମ୍ନ ଭାଗକୁ ପ୍ରବେଶ କରିବାର ମାର୍ଗ ଥିଲା ସେଠାରେ କୌଣସି ନିଶୁଣି ରହୁ ନଥିଲା । ବରଂ କାଠ ତିଆରି ନିଶୁଣି ସେମାନେ ସେଠାରେ ରଖୁଥିଲେ । କାରଣ  ନିଜର ଲୋକ ସେଠାରୁ ଓହ୍ଲାଇବା ସାରିବା ପରେ ସେମାନେ ସେଠାରୁ ନିଶୁଣିକୁ ହଟାଇ ଦେଉଥିଲେ । କାରଣ ଶତ୍ରୁ ଯେପରି କୋଠରୀ ମଧ୍ୟକୁ ଶୀଘ୍ର ପ୍ରବେଶ ନକରୁ ଓ ସେମାନଙ୍କ ପର୍ଯ୍ୟନ୍ତ ନପହଞ୍ଚୁ । **(3)** କିନ୍ତୁ ଯଦି ଶତ୍ରୁ ନିଜ ସାଙ୍ଗରେ ନିଶୁଣି ଆଣି ସେହି ଭୂତଳ ଗୁମ୍ଫା ମଧ୍ୟକୁ ଚାଲି ଆସିବାକୁ ଉଦ୍ୟମ କରନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନେ ଏହାର ପ୍ରତିକାର ସ୍ୱରୂପ ବିକଳ୍ପ ମଧ୍ୟ ପ୍ରସ୍ତୁତ ରଖୁଥିଲେ । ଯଥା ପ୍ରତ୍ୟେକ କୋଠରୀରେ ଚାରୋଟି ମାର୍ଗ ତିଆରି କରିଦେଇଥିଲେ । ତନ୍ମଧ୍ୟରୁ ଗୋଟିଏ ମାର୍ଗ କୋଠରୀ ମଧ୍ୟକୁ ଯାଉଥିଲା ଓ ଅନ୍ୟ ଖ୍ରିଷ୍ଟିଆନମାନ **(ଅବଶିଷ୍ଟାଂଶ...ପୃ-11ରେ)**

# (ଖୁତ୍‌ବା ଜୁମା)

"ଆକାଶ ତଳେ କେବଳ ଗୋଟିଏ ଧର୍ମଗ୍ରନ୍ଥ ରହିଛି ଯାହାକି ସେହି ପ୍ରକୃତ ଓ ପ୍ରିୟ ପ୍ରଭୁଙ୍କର ମୁଖମଣ୍ଡଳର ଦର୍ଶନ କରାଇଥାଏ । ଅର୍ଥାତ ପବିତ୍ର କୁରଆନ୍ କରୀମ୍ । (ହ. ମସିହ୍ ମଉଦ୍)"

ମୁସଲମାନ ଯଦି ସମୟର ଧର୍ମାଧିକ୍ଷଙ୍କୁ ସ୍ୱୀକାର କରି ନିଅନ୍ତେ ଓ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ହୃଦୟଙ୍ଗମ କରି ତାହା ଉପରେ କାର୍ଯ୍ୟାନୁସରଣ କରନ୍ତି ତେବେ ଅଣମୁସଲମାନମାନେ କେବେବି ଏପରି ପବିତ୍ର କୁରଆନ କରୀମ୍‌ର ଅସମ୍ମାନ ଓ ମର୍ଯ୍ୟାଦା ହାନୀ କରିବାକୁ ଦୁଃସାହସ କରନ୍ତେ ନାହିଁ ।

ଲୋକମାନେ ପ୍ରଶ୍ନ କରନ୍ତି ଯେ, ପ୍ରଭୁଙ୍କୁ ପରବର୍ତ୍ତୀ ସଂସାରରେ ଦେଖିବୁ ତ' କିପରି ଦେଖିବୁ ? ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ତୁମେମାନେ ଯଦି ପବିତ୍ର କୁରଆନ୍ କରୀମ୍‌ର ଶୀକ୍ଷା ଉପରେ ପରିଚାଳିତ ହୋଇ ଏହାର ଆଦେଶାବଳୀକୁ କାର୍ଯ୍ୟକାରୀ କର ତେବେ ତୁମେମାନେ ଏହି ମର୍ତ୍ତ୍ୟମଣ୍ଡଳରେ ହିଁ ସେହି ଈଶ୍ୱରଙ୍କୁ ଦେଖି ନେବ ।

"ସେହି ଈଶ୍ୱର ଯେକି ସମସ୍ତ ସଂସାର ନିକଟରେ ଆଗୋଚର ଅଟନ୍ତି ସେ କେବଳ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ହିଁ ଦୃଶ୍ୟମାନ ହୁଅନ୍ତି ।"

ପବିତ୍ର କୁରଆନ୍ କରୀମ୍ ହେଉଛି ଏଭଳି ଏକ ମାର୍ଗଦର୍ଶନ ଯେ, ଏହା ଉପରେ କାର୍ଯ୍ୟାନୁସରଣ କରୁଥିବା ବ୍ୟକ୍ତି ସର୍ବୋଚ୍ଚ ସ୍ତରର ପୂର୍ଣ୍ଣତ୍ୱ ପ୍ରାପ୍ତ କରି ନେଇଥାଏ ଏବଂ ସେ ପ୍ରଭୁଙ୍କ ସହିତ ଏକ ପ୍ରକୃତ ସଂପର୍କ ସ୍ଥାପନ କରିବାକୁ ଲାଗିଥାଏ ।

ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟାରେ ଏଭଳି ଦୃଷ୍ଟାନ୍ତ ରହିଛି ଯେ, କେବଳ ଅନ୍ୟ ଧର୍ମାବଲମ୍ବୀମାନେ କାହିଁକି ବରଂ ନାସ୍ତିକବାଦୀମାନେ ଓ ଈଶ୍ୱରଙ୍କୁ ସ୍ୱୀକାର ନକରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ପ୍ରଭୁଙ୍କ ଅସ୍ତିତ୍ୱ ସଂପର୍କରେ ବିଶ୍ୱାସ ପ୍ରଦାନ କରାଯାଇଛି। ପ୍ରଜ୍ଞା ସମ୍ଭୂତ ଓ ବିବେକାନୁମୋଦିତ ପ୍ରମାଣ ମଧ୍ୟ ଉପସ୍ଥାପିତ କରାଯାଇଛି ଏବଂ ପୁନଶ୍ଚ ଯେତେବେଳେ ନିଦର୍ଶନ ପ୍ରଦର୍ଶନ କରଗାଲା, ଘଟଣାବଳୀ ବର୍ଣ୍ଣନା କରାଗଲା ସେତେବେଳେ ସେହି ନାସ୍ତିକବାଦୀମାନେ କେବଳ ଧର୍ମ ତଥା ଈଶ୍ୱରଙ୍କୁ ସ୍ୱୀକାର କଲେ ନାହିଁ ବରଂ ଇସଲାମ୍ ଧର୍ମକୁ ମଧ୍ୟ ସ୍ୱୀକାର କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ: ଏଠାରେ ଅର୍ଥାତ୍ ପାଶ୍ଚାତ୍ୟ ଦେଶରେ ଏପରି ଲୋକମାନେ ମଧ୍ୟ ରହିଛନ୍ତି ।

"ତହିଁରେ ଏକ ବଳିଷ୍ଠ ଶକ୍ତି ରହିଛି ଯେକି ନିଜର ଅନୁଗାମୀମାନଙ୍କୁ କାଳ୍ପନିକ ପରିଚୟ ତଥା ଅଧ୍ୟାତ୍ମ ମାଧ୍ୟମରେ ବିଶ୍ୱାସିକ ଅଧ୍ୟାତ୍ମ ପରିଚୟ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ ।" (ହ. ମସିହ୍ ମଉଦ୍ ଅ.ସ)

"ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ବଳିଷ୍ଠ ଶକ୍ତି ମଧ୍ୟରୁ ଏକ ଶକ୍ତି ହେଲା ଯେ, ଏହାର ଅନୁକରଣକାରୀଙ୍କୁ ଚମତ୍କାର, ଅପୂର୍ବ ଅଲୌକିକ ଚମତ୍କାର ଏବଂ ନିଦର୍ଶନ ପ୍ରଦାନ କରାଯାଇଥାଏ ଏବଂ ତାହା ଏପରି ପ୍ରାବଲ୍ୟତାର ସହିତ ହୋଇଥାଏ ଯେ, ସଂସାର ଏହାର ମୁକାବିଲା କରିପାରିବ ନାହିଁ ।" (ହ. ମସିହ୍ ମଉଦ୍ ଅ.ସ)

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ତଥା ଚିତ୍ତାକର୍ଷକ ଉପଦେଶାବଳୀର ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା ।

---

**ଖତୁବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 10 Feb 2023 ମସିହା ଅନୁଯାୟୀ ୧୦ ତବ୍‌ଲିଗ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜଜ୍ କହିଲେ; ଗତ ଖୁତ୍‌ବାରେ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ଆଲୋକରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା, କଲ୍ୟାଣ ତଥା ଗାରିମା ସଂପର୍କରେ ବର୍ଣ୍ଣନା କରୁଥିଲି। ସେହି କ୍ରମରେ ଆଜି ଅବଶିଷ୍ଟାଂଶର ଅତିରିକ୍ତ ଚର୍ଚ୍ଚା କରିବି । ହ. ମସିହ୍ ମଉଦ୍ ଅ.ସ ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଅବସରରେ ତାଙ୍କୁ ଇସ୍‌ଲାମ୍ ଧର୍ମର ପ୍ରଚାର ନିମନ୍ତେ ନିଜର ଉଲ୍ଲିଖିତ ଲେଖନୀ **'ତୋହଫା କୈସରିୟା'**ରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା ଏବଂ ଗାରିମା ତଥା ମହତ୍ୱ ସଂପର୍କରେ କହିଲେ, ପବିତ୍ର କୁରଆନ୍ କରୀମ୍ ନିଗୂଢ ରହସ୍ୟ ଓ ବ୍ରହ୍ମଜ୍ଞାନ ସମ୍ବଳିତ ଅଟେ । ପ୍ରତ୍ୟେକ ଶିକ୍ଷା କ୍ଷେତ୍ରରେ ଇଞ୍ଜିଲ୍ ତୁଳନାରେ ପ୍ରକୃତ ପୁଣ୍ୟ ସମ୍ପାଦନ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରିଛି । ବିଶେଷ କରି ପ୍ରକୃତ ଏବଂ ଅପରିବର୍ତ୍ତିତ ଈଶ୍ୱରଙ୍କୁ ଦେଖାଇବାର ପ୍ରଦୀପ ପବିତ୍ର କୁରଆନ୍ କରୀମରେ ହିଁ ରହିଛି । ତେଣୁ ପବିତ୍ର କୁରଆନ୍ କରୀମ୍ ଯଦି ଏହି ସଂସାରାକୁ ନ ଆସି ଥାଆନ୍ତା ତେବେ ପ୍ରଭୁ ଜାଣନ୍ତି ସଂସାରବାସୀ ଜୀବୋପାସନାର କେଉଁ ସ୍ତରରେ ଉପନୀତ ହୋଇଥାନ୍ତେ । ମୁଁ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ଯେ, ପ୍ରଭୁଙ୍କ ଏକେଶ୍ୱରବାଦର ଯେଉଁ ମହିମା ପୃଥିବୀ ପୃଷ୍ଠରୁ ହଜି ଯାଇଥିଲା ତାହା ପୁନଃ ସ୍ଥାପିତ ହୋଇଗଲା । **(ତୋହଫା କୈସରିୟା ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-12, ପୃ-282)**

ହୁଜୁର ଅନ୍‌ୱର୍ ଅ.ବ କହିଲେ; କିଏ ସେହି ବ୍ୟକ୍ତି ଯିଏ ସେହି କାଳରେ ହିନ୍ଦୁମାନଙ୍କୁ ଦୁଃସାହାସିକ ବାର୍ତ୍ତା ଦେଇଥିଲା ଅବା ଇସ୍‌ଲାମ୍ ଧର୍ମର ପ୍ରଚାର କରିଥଲା ? ଆଜି ଏହି ଲୋକମାନେ ଯେଉଁମାନଙ୍କ ଠାରେ ଏତେ ସାହାସ ନଥିଲା ଯେ, ସେମାନେ ଇସ୍‌ଲାମ୍ ଧର୍ମ ଏବଂ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା ଏବଂ ଗାରିମା ସଂକ୍ରାନ୍ତରେ କିଛି ବର୍ଣ୍ଣନା କରନ୍ତେ, ସେମାନେ ପୁଣି ଏହା କୁହନ୍ତି ଯେ, ନାଉଜୁବିଲ୍ଲାଃ (ଆମେ ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରୁଛୁ) ହଜରତ ମସିହ୍ ମଉଦ୍ ଅ.ସ ଅବା ତାହାଙ୍କ ଦ୍ୱାରା ସ୍ଥାପିତ ଜମାଅତ୍ ଅହେମଦିୟା ପବିତ୍ର କୁରଆନ୍ କରୀମ୍‌ର ଗାରିମାକୁ କ୍ଷୁର୍ଣ୍ଣ କରୁଛି । ଅପରପକ୍ଷେ ଅଣମୁସଲମାନ ଯେଉମାନେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତାକୁ ରଦ୍ଦ ତ' କରିପାରିବେ ନାହିଁ କିନ୍ତୁ ସେମାନଙ୍କର ଆଚରଣ ତଥା ଗତିବିଧିକୁ ଲକ୍ଷ୍ୟ କଲେ ଏହା ପ୍ରତିତ ହୁଏ ଯେ, ସେମାନେ ଇସ୍‌ଲାମ୍ ଧର୍ମର ବିରୋଧ ପ୍ରଦର୍ଶନରେ ଏଭଳି ଅନ୍ଧ ହୋଇଯାଇଛନ୍ତି ଯେ, ନିଜର ମନକୁ ସାନ୍ତ୍ୱନା ଦେବା ସକାଶେ ପବିତ୍ର କୁରଆନ୍ କରୀମ୍‌ର ସଂପୂର୍ଣ୍ଣ ଅଭିଲେଖକୁ ଜାଳି ନିଜ ମନ ଭିତରେ କ୍ରୋଧକୁ ପ୍ରଶମିତ

କରିଥାଆନ୍ତି । ଯେପରିକି ସ୍ୱିଡ଼େନ୍ ଏବଂ ସ୍କେଣ୍ଡେନ୍ୟୁୱେନ୍ ଆଦି ଦେଶରେ ଏପରି ଘଟଣା ଦେଖିବାକୁ ମିଳିଛି । ଯଦି ମୁସଲମାନମାନେ ଯୁଗାବତାରଙ୍କୁ ସ୍ୱୀକାର କରି ନିଅନ୍ତି ଏବଂ ପବିତ୍ର କୁରଆନ୍ କରୀମ୍‌ର ଉପଦେଶାବଳୀକୁ ହୃଦୟଙ୍ଗମ କରି ଏହା ଉପରେ କାର୍ଯ୍ୟାନୁସରଣ କରନ୍ତି ତେବେ ଅଣମୁସଲମାନମାନଙ୍କୁ କେବେ ବି ଏହି ପ୍ରକାରର ଜଘନ୍ୟ କାଣ୍ଡ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ଜାଳିବା ଏବଂ ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଦୁଃସାହସ କରିବେ ନାହିଁ । ଅଲ୍ଲାଃତାଲା ସେହି ଲୋକମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ବର୍ତ୍ତମାନ ପବିତ୍ର କୁରଆନ୍ କରୀମ୍ ହିଁ ସତ୍‌ମାର୍ଗର ଏକମାତ୍ର ମାଧ୍ୟମ ଅଟେ । ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଇସ୍‌ଲାମ୍ ଧର୍ମ ଏଭଳି ଏକ କଲ୍ୟାଣମୟ ଏବଂ ଈଶ୍ୱରଦର୍ଶୀ ଧର୍ମ ଯେ, ଯଦି କୌଣସି ବ୍ୟକ୍ତି ପ୍ରକୃତ ରୂପେ ଏହି ଧର୍ମର ନିୟମାବଳୀକୁ ଅନୁସରଣ କରେ, ଏହାର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରେ, ମାର୍ଗଦର୍ଶନ ଉପରେ ଏବଂ ଇଚ୍ଛାପତ୍ର ଉପରେ କାର୍ଯ୍ୟାନୁସରଣ କରେ ଯାହାକି ଈଶ୍ୱରଙ୍କ ଦ୍ୱାରା ଆବତୀର୍ଣ୍ଣ ହୋଇଥିବା ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲିଖିତ ଅଛି । ତେବେ ସେହି ବ୍ୟକ୍ତି ଏହି ସଂସାରରେ ହିଁ ପ୍ରଭୁଙ୍କୁ ଦେଖିନେବ । ଲୋକମାନେ ପ୍ରଶ୍ନ କରନ୍ତି ଯେ, ପ୍ରଭୁଙ୍କୁ ଯଦି ପରବର୍ତ୍ତୀ ସଂସାରରେ ଦେଖିବୁ ତ' କିପରି ଅବଲୋକନ କରିବୁ ? ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ଏହି ସଂସାରରେ ହିଁ ଆମେମାନେ ଈଶ୍ୱରଙ୍କୁ ଅବଲୋକନ କରିନେବୁ । ସେହି ଈଶ୍ୱର ଯେକି ସଂସାରର କାମନାପୂର୍ଣ୍ଣ ଦୃଷ୍ଟିରୁ ହଜାରରୁ ଉର୍ଦ୍ଧ୍ୱ ପରଦାରେ ଲୁକ୍କାୟିତ ରହିଛନ୍ତି ତାହାଙ୍କୁ ଚିହ୍ନିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ନାହିଁ । ପବିତ୍ର କୁରଆନ୍ କରୀମ୍ ବୌଦ୍ଧିକପୂର୍ଣ୍ଣ ଢଙ୍ଗରେ ଏବଂ ଆକାଶୀୟ ନିଦର୍ଶନ ମାଧ୍ୟମରେ ଅତ୍ୟନ୍ତ ସହଜ, ସରଳ ତଥା ସାବଲୀଳ ଢଙ୍ଗରେ ଈଶ୍ୱରଙ୍କ ଆଡ଼କୁ ମାର୍ଗଦର୍ଶନ କରିଥାଏ । ଏହାର ଶିକ୍ଷା ଉପରେ ପରିଚାଳିତ ତଥା କାର୍ଯ୍ୟାନୁସରଣ କର ତେବେ ନିଦର୍ଶନ ଏପରି ପ୍ରକଟିତ ହେବ ଯେ, ତହିଁରୁ ଈଶ୍ୱରଙ୍କ ଅସ୍ତିତ୍ୱର ସୂଚନା ପ୍ରାପ୍ତ ହୋଇଯିବ ।

ତହିଁରେ (ପବିତ୍ର କୁରଆନ୍‌ରେ) କଲ୍ୟାଣ ଏବଂ ସାଂଶ୍ଳେଷିକ ଶକ୍ତି ରହିଛି ଯାହାକି ଈଶ୍ୱରାଭିଳାଷୀଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରଭୁଙ୍କ ଆଡ଼କୁ ଆକର୍ଷିତ କରିଥାଏ ଏବଂ ତାହା ପାଠକମାନଙ୍କୁ ଦିବ୍ୟାଲୋକ, ଶାନ୍ତି ଓ ଆତ୍ମସନ୍ତୋଷ ପ୍ରଦାନ କରିଥାଏ । ପବିତ୍ର କୁରଆନ୍ କରୀମ୍ ଉପରେ ପୂର୍ଣ୍ଣ ବିଶ୍ୱାସ ଆଣିଥିବା ବ୍ୟକ୍ତି କେବଳ ଦାର୍ଶନିକଙ୍କ ପରି କାଳ୍ପନିକ ଚିନ୍ତାଧାରା ପୋଷଣ କରି ନଥାଏ ଯେ, ଏହି ବ୍ରହ୍ମଜ୍ଞାନ ସମ୍ବଳିତ ସଂସାରର କେହି ପରାକ୍ରମୀ ଈଶ୍ୱର ଅବଶ୍ୟ ହେବା ଉଚିତ । ବରଂ ସେ ବ୍ୟକ୍ତିଗତ ଦର୍ଶନେନ୍ଦ୍ରୀୟତ୍ୱ ପ୍ରାପ୍ତ କରି ଅନ୍ୟ ଏକ ପବିତ୍ର ଦୃଷ୍ଟିରେ ସମ୍ମାନିତ ହୋଇ ବିଶ୍ୱାସର ଚକ୍ଷୁରେ ଅବଲୋକନ କରି ନେଇଥାଏ ଯେ, ପ୍ରକୃତରେ ବା ବାସ୍ତବରେ ସେହି ନିର୍ମାଣକର୍ତ୍ତା ଉପସ୍ଥିତ ଅଛନ୍ତି ଏବଂ ସେହି ପବିତ୍ର ବାଣୀରୁ ଆଲୋକ ପ୍ରାପ୍ତକାରୀ ବ୍ୟକ୍ତି କେବଳ ଶୁଷ୍କ ବୁଦ୍ଧିଜୀବୀଙ୍କ ପରି ନିଜ ମନ ଭିତରେ ଏହି ଧାରଣା ପୋଷଣ କରି ନଥାଏ ଯେ, ଭଗବାନ ଏକ ଓ ଅଦ୍ୱିତୀୟ ଅଟନ୍ତି, ତାହାଙ୍କର କେହି ସମକକ୍ଷ ନୁହନ୍ତି । ବରଂ ଶତାଧିକ ଜାଜ୍ଜୁଲ୍ୟମାନ ନିଦର୍ଶନ ସହିତ ତାହାର ହସ୍ତ ଧରି ଅନ୍ଧକାର ଭିତରୁ କାଢି ଆଣିଥାଏ, ପ୍ରକୃତ ରୂପେ ସେ ସେହି ନିଦର୍ଶନକୁ ଅବଲୋକନ କରି ନେଇଥାଏ । କାରଣ ବାସ୍ତବରେ ପ୍ରଭୁଙ୍କ ଅସ୍ତିତ୍ୱ ଏବଂ ତାହାଙ୍କ ପରି ବିଶେଷ ଗୁଣାବଳୀ ଯଥା, **ରହ୍‌ମାନ ଓ ରହିମ୍** (ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ) ଆଦିରେ କେହି ହେଲେ ସମକକ୍ଷ ନୁହନ୍ତି । କେବଳ ଏହି ପ୍ରକାରର ବିଶେଷ ଗୁଣାବଳୀ ଦ୍ୱାରା ନୁହେଁ ବରଂ ବ୍ୟବହାରିକ ରୂପେ ସେ ଜଗତକୁ ଏହା ଦେଖାଇ ଦିଅନ୍ତି ଯେ, ଭକ୍ତ ନିଜ ଚିନ୍ତା ଚେତନାରେ ପ୍ରଭୁଙ୍କୁ ସେହିପରି ହିଁ ବିଶ୍ୱାସ କରିଥାଏ (ଅର୍ଥାତ ୱହ୍‌ଦହୁ ଓ ଲାଶରିକ୍) । ପ୍ରଭୁଙ୍କ ଏକେଶ୍ୱରବାଦିତାର ଗାରିମା ତା' ମନ ଭିତରେ ଏଭଳି ମିଶ୍ରିତ ଓ ପ୍ରବିଷ୍ଟ ହୋଇଯାଏ ଯେ, ସେ ଈଶ୍ୱରଙ୍କ ଇଚ୍ଛାଶକ୍ତି ଆଗରେ ସମସ୍ତ ସଂସାର ଜଗତକୁ ଏକ ମୃତ କୀଟ ପରି ସଂପୂର୍ଣ୍ଣ ନିର୍ଜୀବ ବସ୍ତୁ ଏବଂ ପୂର୍ଣ୍ଣ ରୂପେ ନିପାତ ବୋଲି ମନେ କରିଥାଏ । **(ବରାହିନେ ଅହେମଦିୟା, ଭାଗ-5, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-21, ପୃ-25-26)**

ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ରେ ଜ୍ଞାନ ଭିତ୍ତିକ ଏବଂ ଅମଳଗତ ପୂର୍ଣ୍ଣ ସତ୍‌ମାର୍ଗ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଏକଥା ସ୍ମରଣ ରଖିବା ଉଚିତ ଯେ, ପବିତ୍ର କୁରଆନ୍‌ରେ ଜ୍ଞାନ ଭିତ୍ତିକ ଏବଂ ପୂର୍ଣ୍ଣ ଅମଳଗତ ସତ୍‌ମାର୍ଗ ସଂପର୍କରେ ଉଲ୍ଲେଖ ରହିଛି। ଯେପରିକି ଅଲ୍ଲାଃତାଲା ସୁରାଃ ଫାତିହାରେ କୁହନ୍ତି اِهۡدِنَا الصِّرَاطَ الۡمُسۡتَقِيۡمَ ଅର୍ଥାତ ଉକ୍ତ ଆୟତ୍‌ରେ ଜ୍ଞାନ ସଂପୂର୍ଣ୍ଣ ହେବା ଆଡ଼କୁ ଇଙ୍ଗିତ ରହିଛି ଏବଂ କର୍ମ ସମ୍ପାଦନ ହେବା ସଂକ୍ରାନ୍ତରେ କୁହନ୍ତି, صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ ରେ କୁହନ୍ତି, ଯେଉଁ ପରିଣାମ ସଂପୂର୍ଣ୍ଣ ଏବଂ ସାବ୍ୟସ୍ତ ତାହା ପ୍ରାପ୍ତ ହୋଇଯାଉ । କାର୍ମିକ ତଥା ବ୍ୟବହାରିକ ଉନ୍ନତି ନିମନ୍ତେ ସେହି ଲୋକମାନଙ୍କର ମାର୍ଗ ଅନୁସରଣ କରିବା ନିମନ୍ତେ ପ୍ରାର୍ଥନା କରିବାକୁ କୁହାଯାଇଛି ଯେଉଁମାନେ ପୁରସ୍କୃତ ଅଟନ୍ତି । ଅର୍ଥାତ ନବୀ (ଅବତାର), ସିଦ୍ଦିକ୍ (ସତ୍ୟବାଦୀ), ଶହୀଦ୍ (ବୀରଗତି ପ୍ରାପ୍ତକାରୀ) ଏବଂ ସାଲେହ୍ (ପୁଣ୍ୟବାନ୍)। ପୁନଶ୍ଚ ଏମାନଙ୍କର ଉଦାହରଣ ମଧ୍ୟ ଉପସ୍ଥିତ ରହିଛି ଏବଂ ଏହି ଯୁଗରେ ମଧ୍ୟ ଏହିପରି ଲୋକମାନେ ଅଛନ୍ତି ଯେଉଁମାନେ ସତ୍‌ମାର୍ଗ ପ୍ରାପ୍ତକାରୀ ବ୍ୟକ୍ତି ଅଟନ୍ତି । ଯେଉଁମାନଙ୍କୁ ଅଲ୍ଲାଃତାଲା ପୁରସ୍କୃତ କରିଥାଆନ୍ତି ।

ଆପଣ ଅ.ସ କୁହନ୍ତି, ଯେପରି ଏକ ଚାରା ରୋପଣ କରାଗଲେ ଯେପର୍ଯ୍ୟନ୍ତ ତାହା ସଂପୂର୍ଣ୍ଣ ରୂପେ ପ୍ରତିପୋଷଣ ପ୍ରାପ୍ତ କରି ନନେଇଛି ସେପର୍ଯ୍ୟନ୍ତ ତହିଁରେ ପୁଷ୍ପ ଏବଂ ଫଳ ଧରି ପାରିବ ନାହିଁ । ଠିକ୍ ସେହିପରି ଯଦି କୌଣସି ସତ୍‌ମାର୍ଗର ସର୍ବୋଚ୍ଚ ଏବଂ ସଂପୂର୍ଣ୍ଣ ପରିଣାମ ପ୍ରକାଶିତ ହୋଇ ନାହିଁ ତେବେ ସେହି ସତ୍‌ମାର୍ଗ ମୃତ ମାର୍ଗଦର୍ଶନ ଅଟେ । ଯାହା ମଧ୍ୟରେ କୌଣସି ପ୍ରତିପୋଷଣ ଜନିତ ଶକ୍ତି ଓ ସାମର୍ଥ୍ୟ ନାହିଁ । ଯେପରିକି ଯଦି କୌଣସି ବ୍ୟକ୍ତି ଯେକି ବେଦର ମାର୍ଗଦର୍ଶନ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ତା'କୁ ଯଦି ସାର୍ବକାଳୀକ ମୋକ୍ଷ ପ୍ରାପ୍ତି ନହୁଏ ଏବଂ ପୋକ ମାଛି ହେବାର ଅବସ୍ଥା ଚକ୍ରରୁ ବାହାରି ସାର୍ବକାଳୀନ ଆନନ୍ଦ ଓ ତୃପ୍ତି ଲାଭ କରିନିଏ ତେବେ ଏହିଭଳି ଶିକ୍ଷା ଓ ମାର୍ଗଦର୍ଶନରରୁ କ'ଣ ବା ପ୍ରାପ୍ତ ହେଲା । କିନ୍ତୁ ଏହାର ବିପରୀତ ପବିତ୍ର କୁରଆନ୍ କରୀମ୍ ହେଉଛି ଏଭଳି ଏକ ମାର୍ଗଦର୍ଶକ ଯାହା ଉପରେ ଅନୁସରଣ କରୁଥିବା ବ୍ୟକ୍ତି ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇ ପୂର୍ଣ୍ଣତ୍ୱ ଏବଂ ସିଦ୍ଧି ଲାଭ କରିନେଇ ଈଶ୍ୱରଙ୍କ ସହିତ ତା'ର ପ୍ରକୃତ ସଂପର୍କ ସ୍ଥାପନ ହୋଇଯାଇଥାଏ । ଏପର୍ଯ୍ୟନ୍ତକି ତା'ର ସତ୍‌କର୍ମ ପବିତ୍ର କୁରଆନୀୟ ମାର୍ଗଦର୍ଶନ ଅନୁଯାୟୀ ସମ୍ପାଦିତ ହୋଇଥାଏ ତାହା ଏକ ପବିତ୍ର ବୃକ୍ଷ ପରି ବୃଦ୍ଧି ପାଇ ତହିଁରେ ପୁଷ୍ପ ଏବଂ ଫଳ ଲଦି ହୋଇ ଯାଇଥାଏ । ଏକ ବିଶେଷ ପ୍ରକାରର ମିଷ୍ଟତା ସେହି ଫଳରେ ଜାତ ହୋଇଯାଇଥାଏ । **(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-1, ପୃ-188-189, ପ୍ରକାଶନ ବର୍ଷ 1984 ମସିହା)**

ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ପବିତ୍ର ଗ୍ରନ୍ଥ ଯାହା ସେହି ଯୁଗରେ ଅବତୀର୍ଣ୍ଣ ହୋଇଥିଲା ଯେତେବେଳେ ସମଗ୍ର ସଂସାରରେ ଭୟଙ୍କର ଉପଦ୍ରବ ବ୍ୟାପୀ ଥିଲା ଏବଂ ନାନାପ୍ରକାରର ଅନ୍ଧବିଶ୍ୱାସ ଏବଂ କୁକର୍ମ ଜନିତ ପରମ୍ପରା ପ୍ରଣୟନ ହୋଇଯାଇଥିଲା । ଏହି ଦିଗ ଆଡ଼କୁ ଇଙ୍ଗିତ କରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, ظَهَرَ الۡفَسَادُ فِي الۡبَرِّ وَ الۡبَحۡرِ ଅର୍ଥାତ ସମସ୍ତ ପୁସ୍ତକଧାରୀ ଏବଂ ଅଣ ପୁସ୍ତକଧାରୀ ଧର୍ମାବଲମ୍ବୀମାନେ ସମସ୍ତେ ନାନା ପ୍ରକାରର କୁପ୍ରଥା, କୁସଂସ୍କାର ଏବଂ ଅନ୍ଧବିଶ୍ୱାସରେ ପ୍ରପିଡ଼ୀତ ହୋଇଥିଲେ ଓ ଧରା ପୃଷ୍ଠରେ ମହା ଉପଦ୍ରବର ତାଣ୍ଡବ ଲୀଳା ଚାଲିଥିଲା । ଅତଃ ଅଲ୍ଲାଃତାଲା ସମସ୍ତ କୁପ୍ରଥା ଏବଂ ଅନ୍ଧବିଶ୍ୱାସକୁ ରଦ୍ଦ କରିବା ନିମନ୍ତେ କୁରଆନ୍ କରୀମ୍ ଭଳି ଏକ ପୂର୍ଣ୍ଣ ଓ ପବିତ୍ର ଗ୍ରନ୍ଥ ଆମମାନଙ୍କର ମାର୍ଗଦର୍ଶନ ନିମନ୍ତେ ଅବତୀର୍ଣ୍ଣ କଲେ। ବିଶେଷ କରି ସୁରାଃ ଫାତିହା ଯାହା ପାଞ୍ଚବେଳା ଓ ପାଞ୍ଚଟି ନମାଜର ପ୍ରତ୍ୟେକ ରେକାତ୍‌ରେ ପାଠ କରାଯାଇଥାଏ ତହିଁରେ ଇଙ୍ଗିତ ସ୍ୱରୂପ ସମସ୍ତ ପ୍ରକାରର ଆସ୍ଥା ଓ ବିଶ୍ୱାସର ଚର୍ଚ୍ଚା ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି, اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । ଯେ ସଂପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଅଟନ୍ତି । ସେ الرَّحۡمٰنِ ଅର୍ଥାତ ଅଶେଷ ଦୟାବାନ ପ୍ରଭୁ ଅଟନ୍ତି। ଅର୍ଥାତ ସେ ବିନା କୌଣସି କର୍ମ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ସମ୍ପାଦନରେ ଆମମାନଙ୍କୁ ଅଗଣିତ ପୁରସ୍କାର ବାଢି ଦେଇଛନ୍ତି ଯଥା, ସୂର୍ଯ୍ୟ, ଚନ୍ଦ୍ର, ବାୟୁ ଇତ୍ୟାଦି । ସେ اَلرَّحِيۡمِ ଅର୍ଥାତ ସଦା କରୁଣାମୟ ପ୍ରଭୁ । ଯେଉଁ କାର୍ଯ୍ୟ ବି ତୁମମେମାନେ ସମ୍ପାଦନ କର ସେ ତାହାର ପ୍ରତିଫଳ ନିଶ୍ଚୟ ପ୍ରଦାନ କରନ୍ତି ଏବଂ ତୁମେମାନେ ଯେତେବେଳେ ତାହାଙ୍କୁ ପ୍ରାର୍ଥନା କର ସେତେବେଳେ ସେ ତାହାକୁ ସ୍ୱୀକାର ମଧ୍ୟ କରନ୍ତି । ସେ مٰلِكِ يَوۡمِ الدِّيۡنِ ଅର୍ଥାତ ସେ ବିଚାର ଦିବସର ପ୍ରଭୁ ଅଟନ୍ତି । ବିଚାର ଇହକାଳରେ ବି ହେବ ଏବଂ ପରକାଳରେ ମଧ୍ୟ ହେବ। ହ. ମସିହ୍ ମଉଦ୍ ଅ.ସ କହିଲେ, ଏହି ଚାରୋଟି ବିଶେଷ ଗୁଣାବଳୀ ଯଥା-, رَبِّ, الرَّحۡمٰنِ, الرَّحِيۡمِ, مٰلِكِ يَوۡمِ الدِّيۡنِ ରେ ସଂପୂର୍ଣ୍ଣ ସଂସାରରେ ଥିବା ଗୋଷ୍ଠୀ ଏବଂ ଜାତିମାନଙ୍କ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-31-32, ପ୍ରକାଶନ ବର୍ଷ 1984 ମସିହା)**

ବର୍ତ୍ତମାନ ଧ୍ୟାନପୂର୍ବକ ମନୁଷ୍ୟ ଯଦି ପାଞ୍ଚବେଳା ନମାଜରେ ଏହି ସୁରାଃ ପାଠକରେ ତେବେ ସେ ଅବଶ୍ୟ ଈଶ୍ୱରଙ୍କ ଅଧ୍ୟାତମ୍ ପରିଚୟ ପ୍ରାପ୍ତ କରିବାକୁ ସକ୍ଷମ ହୋଇପାରିବ । ପୁନଶ୍ଚ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରିବାକୁ ଯାଇ ଆପଣ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏକ ଏକ ଚମତ୍କାର ଅଟେ । ଚମତ୍କାରର ପ୍ରକୃତ ବାସ୍ତବତା ଏହିକିଯେ, ଚମତ୍କାର କହିଲେ ଏଭଳି ଏକ ଅଲୌକିକତାକୁ ବୁଝାଏ ଯେ, ବିରୋଧୀ ଚମତ୍କାର ବିପକ୍ଷରେ କୌଣସି ଉଦାହରଣ ତଥା ଦୃଷ୍ଟାନ୍ତ ଉପସ୍ଥାପନ କରିବାକୁ ସଂପୂର୍ଣ୍ଣ ରୂପେ ଅକ୍ଷମ ରହିଯିବ ବା ଅକ୍ଷମତା ପ୍ରକାଶ କରିବ । ସେ ପଛେ ପ୍ରକାଶ୍ୟଗତ ମାନବିକ ଦୃଷ୍ଟି ସଂପର୍କିତ ପ୍ରସଙ୍ଗ ପ୍ରତିତ ହେଉ ନା କାହିଁକି । ଯେପରିକି ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ସମଗ୍ର ଆରବବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା କିନ୍ତୁ ସମଗ୍ର ଆରବବାସୀ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିବାରେ ବିଫଳ ରହିଥିଲେ ।

ସୁତରାଂ ଚମତ୍କାରର ବାସ୍ତବତାକୁ ବୁଝିବାକୁ ହେଲେ ପବିତ୍ର କୁରଆନ୍ କରୀମ୍‌ର ବାଣୀ ହେଉଛି ଏକମାତ୍ର ପନ୍ଥା ଏବଂ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ । ଯେପରି ମନୁଷ୍ୟର ବାଣୀ ରହିଛି ଠିକ୍ ସେହିପରି ପବିତ୍ର କୁରଆନ୍ କରୀମ୍‌ର ମଧ୍ୟ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ପୂର୍ଣ୍ଣ ବାଣୀ ରହିଛି । କିନ୍ତୁ ଏହା ନିଜର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷଣ ଯୋଗୁଁ ଅତ୍ୟନ୍ତ ସ୍ୱାଦିଷ୍ଟ ଓ ନିର୍ମଳ ଏବଂ ରଙ୍ଗମୟ ପଂକ୍ତି ଦୃଷ୍ଟିରୁ ପ୍ରତ୍ୟେକ ସ୍ଥଳରେ ସତ୍ୟ ସୁନ୍ଦର ଓ ବ୍ରହ୍ମଜ୍ଞାନର ନିୟମ ପାଳନ କରିଥାଏ ଏବଂ ଜାଜ୍ୱଲ୍ୟମାନ ପ୍ରମାଣ ଦୃଷ୍ଟିରୁ ସମଗ୍ର ସଂସାରର ବିରୋଧାତ୍ମକ ତଥା ବୀପରୀତତାତ୍ମକ ପ୍ରମାଣ ଉପରେ ପ୍ରଭାବ ବିସ୍ତାର କରି ନିଜର ବର୍ଚସ୍ୱତାକୁ ବଜାୟା ରଖିଛି । ସେହିପରି ଭବ୍ୟ ଭବିଷ୍ୟତବାଣୀ ଦୃଷ୍ଟିରୁ ଏଭଳି ଏକ ନିରୁତ୍ତରପୂର୍ବକ ଚମତ୍କାର ଯାହାକି ଦୀର୍ଘ ୧୩୦୦ ଶତାବ୍ଦୀ ବିତିଯିବା ପରେ ମଧ୍ୟ ଅଦ୍ୟାବଧି କୌଣସି ବ୍ୟକ୍ତି ଏହାର ମୁକାବିଲା କରିପାରି ନାହିଁ କି ମୁକାବିଲା କରିବାକୁ ସକ୍ଷମ ମଧ୍ୟ ହୋଇପାରିବ ନାହିଁ। ପବିତ୍ର କୁରଆନ୍ କରୀମ୍‌କୁ ସମଗ୍ର ସଂସାରର ପୁସ୍ତକ ତଥା ଧର୍ମଗ୍ରନ୍ଥମାନଙ୍କ ମଧ୍ୟରୁ ଏହି ଶ୍ରେଷ୍ଠତା ତଥା ମର୍ଯ୍ୟାଦା ପ୍ରାପ୍ତ ହୋଇଛି ଯେ, ପବିତ୍ର କରୁଆନ୍ କରୀମ୍ ଚମତ୍କାରିତାପୂର୍ଣ୍ଣ ଭବିଷ୍ୟତବାଣୀଗୁଡ଼ିକୁ ମଧ୍ୟ ଚମତ୍କାରପୂର୍ଣ୍ଣ ପଂକ୍ତିରେ ଯାହାକି ସର୍ବୋଚ୍ଚ ସ୍ତରୀୟ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ଦ୍ୱାରା ପରିପୂର୍ଣ୍ଣ ଓ ସତ୍ୟ ଏବଂ ବ୍ରହ୍ମଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ଅଟେ । ତାହାକୁ ବର୍ଣ୍ଣନା କରିଥାଏ । ସୁତରାଂ ପ୍ରକୃତ ଓ ଅପ୍ରକୃତ ଏବଂ ବଳିଷ୍ଠ ଓ ଅବଳିଷ୍ଠ ଚମତ୍କାରର ଅଭିପ୍ରାୟକୁ ସତ୍ୟ ଓ ଅସତ୍ୟ ମଧ୍ୟରେ ମଧ୍ୟେରେ ଏକ ସ୍ୱଷ୍ଟ ପାର୍ଥକ୍ୟ ଦର୍ଶାଇବା ଅଟେ । ସତ୍ୟବାଦୀ ଏବଂ ମିଥ୍ୟାବାଦୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ହିଁ ଏହାର ମୂଳ ଆଭିମୁଖ୍ୟ ଅଟେ। ଧର୍ମର ପ୍ରକୃତ ସତ୍ୟତା ହେଉଛି ପ୍ରଭୁଙ୍କ ଅସ୍ତିତ୍ୱକୁ ଚିହ୍ନିବା। ଅତଃ ଏହିପରି ସ୍ୱଷ୍ଟ ତଥା ବିଭେଦତାପୂର୍ଣ୍ଣ ପ୍ରସଙ୍ଗକୁ ଚମତ୍କାର କିମ୍ବା ଅନ୍ୟ ଶବ୍ଦରେ ନିଦର୍ଶ ବୋଲି କୁହାଯାଏ । ନିଦର୍ଶନ ଏଭଳି ଏକ ଆବଶ୍ୟକୀୟ ପ୍ରସଙ୍ଗ ଯେ, ଏହା ବ୍ୟତୀରେକ ପ୍ରଭୁଙ୍କ ଅସ୍ତିତ୍ୱ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରିବା ଅସମ୍ଭବ ନୁହେଁ ଓ ନା ହିଁ ସେହି ଫଳଶ୍ରୁତି ତଥା ପରିଣାମ ପ୍ରାପ୍ତ ହୋଇପାରିବ ଓ ନା ହିଁ ପୂର୍ଣ୍ଣ ବିଶ୍ୱାସ ମାଧ୍ୟମରେ ଏହାକୁ ପ୍ରାପ୍ତ କରିବା ସମ୍ଭବପର ଅଟେ । ଏହା ପ୍ରକାଶ୍ୟ ଯେ, ଧର୍ମ ର ମୂଳ ଅଭିପ୍ରାୟ ହେଲା ପ୍ରଭୁଙ୍କୁ ଚିହ୍ନାଇବା । ପ୍ରଭୁଙ୍କ ସହିତ ପରିଚୟ କରାଇବା । ସତ୍ୟଧର୍ମ ନିମନ୍ତେ ଏହା ଆବଶ୍ୟକ ଯେ, ତହିଁରେ ଏହିଭଳି ନିଦର୍ଶନ ଉପଲବ୍ଧ ହେଉ ଯାହାକି ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସଂପୂର୍ଣ୍ଣ ରୂପେ ପ୍ରତିପାଦିତ ହେବ । ସେହିପରି ସେହି ସତ୍ୟଧର୍ମ ନିଜ ମଧ୍ୟରେ ଏପରି ବଳିଷ୍ଠ ଶକ୍ତି ରଖିଥାଏ ଯାହା ନିଜର ଅନୁଗାମୀମାନଙ୍କୁ ପ୍ରଭୁଙ୍କ ହସ୍ତ ସହିତ ହସ୍ତ ମିଶାଇ ଦେଉ ।" ଅଲ୍ଲାଃତାଲାଙ୍କ ସହିତ ଏପରି ସଂପର୍କ ସ୍ଥାପନ କରିନେଉ ଯେ, କେବଳ କୃତ୍ରିମତା ଉପରେ ଦୃଷ୍ଟିପାତ କରି କେବଳ ନିର୍ମାତାର ଆବଶ୍ୟକତାକୁ ଅନୁଭୂତ କରିବା ଏବଂ ଏହାର ପ୍ରକୃତ ଅବସ୍ଥିତି ସଂପର୍କରେ ଅବଗତ ନହେବା ଈଶ୍ୱରଙ୍କୁ ଚିହ୍ନିବା ନିମନ୍ତେ ପର୍ଯ୍ୟାପ୍ତ ନୁହେଁ । କେବଳ ଏତିକି ସନ୍ଧାନ କରିବା କି କୌଣସି ଜଣେ ନିର୍ମାଣ କର୍ତ୍ତା ତଥା ସ୍ଥପତି ଅଛନ୍ତି । ସେତିକି ହିଁ କହିବା ଯଥେଷ୍ଟ ଓ ପର୍ଯ୍ୟାପ୍ତ ନୁହେଁ । ଏହି ସ୍ତର ପର୍ଯ୍ୟନ୍ତ ରହିଥିବା ବ୍ୟକ୍ତିର ଈଶ୍ୱରଙ୍କ ସହିତ ପ୍ରକୃତ ସଂପର୍କ ନା ସ୍ଥାପନ କରିପାରିବ ଓ ନା ହିଁ ନିଜର ଆତ୍ମାକୁ କାମନା ଜନିତ ସ୍ୱାର୍ଥରୁ ପବିତ୍ର ଓ ମୁକ୍ତ କରିପାରିବ । କେବଳ ଏତିକି ଜ୍ଞାନ ପ୍ରାପ୍ତ ହୋଇଯିବା ଯେ, ଏହା ଠାରୁ ଅଧିକ ଆତ୍ମା ସ୍ୱଚ୍ଛତା ହୋଇପାରିବ ଓ ନା ହିଁ ସେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପିତ ହୋଇପାରିବ । ତହିଁରୁ ଯଦି କିଛି ବୁଝାପଡ଼େ ତାହା କେବଳ ଏତିକି ହିଁ ବୁଝାପଡ଼େ ଯେ, ଏହି ଜଗତର କେହି ସୃଷ୍ଟିକର୍ତ୍ତା ହେବା ଉଚିତ୍ । ନା କି ସେ ନିର୍ମାଣକର୍ତ୍ତା। ଅର୍ଥାତ ଆମେମାନେ ଯାହାକିଛି ସଂସାର ଜଗତରେ ଅବଲୋକନ କରୁଛେ ତାହାର ଜଣେ ନିର୍ମାଣକର୍ତ୍ତା ମଧ୍ୟ ଅଛନ୍ତି । ଏହି ପ୍ରକୃତ ଜ୍ଞାନ ମଧ୍ୟ ହେବା ଉଚିତ। ଆଉ ଯେତେବେଳେ ଏହା ଜ୍ଞାତ ହୁଏ ଯେ, କିଏ ସେ ଜଗତର ସୃଷ୍ଟିକର୍ତ୍ତା? ତେବେ ଆମେମାନେ ଯେଉଁ ଈଶ୍ୱରଙ୍କୁ ଆରଧାନା କରୁଛେ ସେ ହେଉଛନ୍ତି ସେହି ଈଶ୍ୱର ଯେକି ସକଳ ଜଗତର ସ୍ରଷ୍ଟା ତଥା ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା । ତେବେ ତାହାଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ ହୋଇଥାଏ ଏବଂ ତାହାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟନୁସରଣ କରିବାକୁ ସାମର୍ଥ୍ୟ ଲାଭ ହୋଇଥାଏ ଓ ଧ୍ୟାନ ଆକର୍ଷିତ ହୋଇଥାଏ । ପୁନଶ୍ଚ ଏତଦ୍‌ପରେ ମନୁଷ୍ୟ ଆତ୍ମ ସଂଶୋଧନ ପ୍ରତି ଧ୍ୟାନ ଦେଇଥାଏ । ଆପଣ ଅ.ସ କୁହନ୍ତି: "ଏକଥା ପ୍ରକାଶ୍ୟ ଯେ, କେବଳ ଆବଶ୍ୟକତାକୁ ଅନୁଭବ କରିବା ଏକ କଳ୍ପନା ମାତ୍ର । ଏହା ଦର୍ଶନର ସ୍ଥାନାପନ୍ନ ବା ପ୍ରତିସ୍ଥାନିକ ହୋଇପାରିବ ନାହିଁ ଓ ନା ହିଁ ଦର୍ଶନର ପବିତ୍ର ପରିଣାମ ତହିଁରୁ ସୃଷ୍ଟି ହୋଇପାରିବ । କୌଣସି ବ୍ୟକ୍ତି ସଂପର୍କରେ କଳ୍ପନା କରିବା ଓ ତା'କୁ ସାକ୍ଷାତ୍ ନିଜ ଦୃଷ୍ଟି ସମ୍ମୁଖରେ ଦେଖିବା ମଧ୍ୟରେ ଅନେକ ପାର୍ଥକ୍ୟ ବା ତଫାତ୍ ରହିଛି । ଅତଏବ ଯେଉଁ ଧର୍ମ ମନୁଷ୍ୟକୁ ଈଶ୍ୱର ଚିହ୍ନିବାକୁ କେବଳ 'ହେବା ଉଚିତ୍'ର ନିକୃଷ୍ଟ ସ୍ତର ପର୍ଯ୍ୟନ୍ତ ଛାଡ଼ିଦିଏ ତେବେ ତା'ର ବ୍ୟବହାରିକ ଅବସ୍ଥାର ଚିକିତ୍ସକ ତଥା ବୈଦ୍ୟ ଉପଲବ୍ଧ ନାହିଁ । ସୁତରାଂ ବାସ୍ତବରେ ଏପରି ଧର୍ମ ମୃତ ଧର୍ମ ଅଟେ । ଏହି ଧର୍ମରୁ ପବିତ୍ର ପରିବର୍ତ୍ତନର ଆଶା ରଖିବା ବୃଥା ଅଟେ । ପ୍ରକାଶ୍ୟ ଥାଉ କି କେବଳ ବୌଦ୍ଧିକ ପ୍ରମାଣ ଧର୍ମର ସତ୍ୟତା ନିମନ୍ତେ ଯଥେଷ୍ଟ ପ୍ରମାଣ ଓ ପର୍ଯ୍ୟାପ୍ତ ସାକ୍ଷ୍ୟ ଗ୍ରହଣ କରାଯାଇପାରିବ ନାହିଁ । ଏହା ଏପରି ମୋହର ନୁହେଁ ଯେ, କୌଣସି ଜାଲିଆତିକାରୀ ଏହାକୁ ତିଆରି କରିବାକୁ ସକ୍ଷମ ହୋଇପାରିବ ନାହିଁ । ବରଂ ଏହା ତ' ବୁଦ୍ଧିର ସାଧାରଣ ଝରଣାର ଏକ ଭିକ୍ଷାବୃତ୍ତି ବୋଲି ମନେକରାଯିବ । କେବଳ ବୌଦ୍ଧିକ ପ୍ରମାଣ ଦିଆଯାଇପାରିବ କିମ୍ବା ନିଜର ବୁଦ୍ଧିରୁ ବହୁତ ବଡ଼ କଥା ମଧ୍ୟ କରିପାରିବ । କିନ୍ତୁ କେବଳ ଏତିକି ଯଥେଷ୍ଟ ନୁହେଁ କିନ୍ତୁ ଯେପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀକୁ ହୃଦ୍‌ବୋଧ କରି ନନେଇଛି ଓ ଇସ୍ତିଗଫାର୍ (କ୍ଷମାଯାଚନା) କରି ନନେଇଛି ।"

ଆପଣ ଅ.ସ କୁହନ୍ତି: "ପୁନଶ୍ଚ ଏକଥା କିଏ ନିର୍ଣ୍ଣିତ କରିପାରିବ ଯେ, ଯେଉଁ କଥା ବା ପ୍ରସଙ୍ଗଗୁଡ଼ିକ ଧର୍ମଗ୍ରନ୍ଥ ମାନଙ୍କରେ ଉଲ୍ଲେଖ ରହିଛି ତାହା ବାସ୍ତବିକ ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ଅଟନ୍ତି କିମ୍ବା ଅନ୍ୟ କୌଣସି ଗ୍ରନ୍ଥରୁ ଚୋରି କରି

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଉଲ୍ଲେଖ କରି ଦିଆଯାଇଛି । ମନେକର ସେହି କଥାଗୁଡ଼ିକ ଚୌର୍ଯ୍ୟ (ଚୋରି କରାଯାଇ) ନୁହେଁ ତେବେ ସେହି ଧର୍ମଗ୍ରନ୍ଥ ପ୍ରଭୁଙ୍କ ଅସ୍ତିତ୍ୱ ସଂକ୍ରାନ୍ତରେ କିପରି ବଳିଷ୍ଠ ପ୍ରମାଣ ହୋଇପାରିବ ଏବଂ କେଉଁ ସତ୍ୟାନ୍ୱେଷୀର ହୃଦୟ ସନ୍ତୁଷ୍ଟ ହୋଇପାରିବ ? ଅତଃ ବୌଦ୍ଧିକ ପ୍ରସଙ୍ଗଗୁଡ଼ିକ ନିଃସନ୍ଦେହ ରୂପେ ଈଶ୍ୱରଦର୍ଶୀ ଅଟନ୍ତି । ପୁନଶ୍ଚ କେତେବେଳେ ଏହି ସନ୍ତୁଷ୍ଟି ହୋଇପାରିବ ଯେ, ସେହି କଥା ବା ପ୍ରସଙ୍ଗଗୁଡ଼ିକ ପୂର୍ଣ୍ଣତଃ ଭ୍ରମଶୂନ୍ୟ ଅଟନ୍ତି ?" ଅର୍ଥାତ ତାହା ଏପରି ନିର୍ଦ୍ଦେଶନ ଅଟନ୍ତି ଯାହାକି ଅଲ୍ଲାଃତାଲାଙ୍କ ଆଡ଼କୁ ନେଇଯାଇଥାନ୍ତି କିମ୍ବା ପ୍ରତ୍ୟେକ ପ୍ରକାରର ପ୍ରମାଦ ଠାରୁ ପବିତ୍ର ଅଟନ୍ତି । "ସୁତରାଂ ଯଦି କୌଣସି ଧର୍ମ କେବଳ କିଛି ବୌଦ୍ଧିକ ଦର୍ଶନ ଆଡ଼କୁ ଇଙ୍ଗିତ କରି ନିଜ ସତ୍ୟତାର କାରଣ ତଥା ଅଭିପ୍ରାୟ ଦର୍ଶାଏ ଓ ଆକାଶୀୟ ନିଦର୍ଶନ ତଥା ଚମତ୍କାର ପ୍ରସଙ୍ଗ ଦେଖାଇବାରୁ ଅକ୍ଷମତା ପ୍ରକାଶ କରେ ତେବେ ଏହିପରି ଧର୍ମର ଧର୍ମାବଲମ୍ବୀ ପ୍ରବଞ୍ଚିତ ଓ ପ୍ରବଞ୍ଚକ ଅଟେ ଏବଂ ସେ ଅନ୍ଧାକାରରେ ହିଁ ମୃତ୍ୟୁବରଣ କରିବ । ସୁତରାଂ ବୌଦ୍ଧିକ ପ୍ରମାଣ ଦ୍ୱାରା ପ୍ରଭୁଙ୍କ ଅସ୍ତିତ୍ୱର ବିଶ୍ୱାସିକ ରୂପେ ସାବ୍ୟସ୍ତ ହୋଇପାରିବ ନାହିଁ । ତେଣୁ କ'ଣ କାରଣ ରହିଛି ଯେ, କୌଣସି ଧର୍ମର ସତ୍ୟତା ତହିଁରୁ ପ୍ରମାଣିତ ବା ସାବ୍ୟସ୍ତ ହୋଇଯିବ ? ଯେପର୍ଯ୍ୟନ୍ତ କୌଣସି ଧର୍ମ ଏକଥାର ଦାୟିତ୍ୱ ବହନ କରିନେଇ ନାହିଁ ଯେ, ସେ ନିଃସନ୍ଦେହ ରୂପେ ପ୍ରଭୁଙ୍କ ଅସ୍ତିତ୍ୱକୁ ବିଶ୍ୱାସିକ ରୂପେ ସାବ୍ୟସ୍ତ କରି ଦେଖାଇ ଦେଇ ନାହିଁ ସେପର୍ଯ୍ୟନ୍ତ ସେହି ଧର୍ମ ମୂଲ୍ୟ ହୀନ ଓ ତା'ର ପ୍ରାସଙ୍ଗିକତା ନାହିଁ । ହତଭାଗ୍ୟ ହେଉଛି ସେହି ବ୍ୟକ୍ତି ଯିଏ ଏପରି ଧର୍ମ ପ୍ରତି ଆସକ୍ତ ଅଟେ । ପ୍ରତ୍ୟେକ ଧର୍ମ ଅଭିଶାପର କଳଙ୍କ ନିଜ କପାଳରେ ଧାରଣ କରିଥାଏ ଯାହାକି ମନୁଷ୍ୟର ଅଧ୍ୟାତ୍ମ ପରିଚୟକୁ ସେହି ସ୍ତର ପର୍ଯ୍ୟନ୍ତ ଉପନୀତ କରାଇ ପାରିବ ନାହିଁ ଯାହା ମାଧ୍ୟମରେ ସେ ଈଶ୍ୱରଙ୍କୁ ଦର୍ଶନ କରିପାରିବ ।" **(ବରାହିନେ ଅହେମଦିୟା ଭାଗ-5, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-21, ପୃ- 59-61)**

ହୁଜୁର ଅ.ବ କହିଲେ, ଏହା ହେଉଛି ସେହି ସ୍ଥାନ ଯାହାକୁ ପ୍ରାପ୍ତ କରିବା ପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ । ଅଲ୍ଲାଃତାଲାଙ୍କୁ ତାହାଙ୍କ ନିଦର୍ଶନ ଏବଂ ତାହାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଦ୍ୱାରା ହିଁ ଚିହ୍ନନ୍ତୁ । ପୁନଶ୍ଚ ଅଲ୍ଲାଃତାଲାଙ୍କ ବାସ୍ତବତା ମନୁଷ୍ୟ ଉପରେ ଉନ୍ମୁକ୍ତ ହୋଇଥାଏ । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟାରେ ଏହିଭଳି ଅନେକ ଦୃଷ୍ଟାନ୍ତ ଉପଲବ୍ଧ ରହିଛି ଯେ, କେବଳ ଅଣଧର୍ମାବଲମ୍ବୀମାନେ କାହିଁକି ବରଂ ନାସ୍ତିକବାଦୀ ଓ ବିଧର୍ମୀମାନଙ୍କୁ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ମଧ୍ୟ ବିଶ୍ୱାସ ପ୍ରଦାନ କରାଯାଇଛି । ବୌଦ୍ଧିକପୂର୍ଣ୍ଣ ପ୍ରମାଣ ଦିଆଯାଇ ଯେତେବେଳେ ସେହି ନାସ୍ତିକବାଦୀ ବିଧର୍ମୀମାନଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱର ନିଦର୍ଶନ ଦେଖାଇ ଦିଆଗଲା ଏବଂ ସେମାନଙ୍କ ସମ୍ମୁଖରେ ଘଟଣାବଳୀ ଉଲ୍ଲେଖ କରିଦିଆଗଲା ସେତେବେଳେ ସେମାନେ ନା କେବଳ ଧର୍ମକୁ ସ୍ୱୀକାର କଲେ ବରଂ ଇସ୍‌ଲାମ୍ ଧର୍ମକୁ ଆନନ୍ଦ ସହକାରେ ସ୍ୱୀକାର କଲେ । ବେଲଜିୟମ୍‌ର ଜଣେ ନାସ୍ତିକବାଦ ବନ୍ଧୁ ବୈଅତ୍ କଲେ ଏବଂ ସେ ନିଜ ସଂକ୍ରାନ୍ତରେ ଏହା କହିଲେ, ମୁଁ ଯେତେବେଳେ ଈଶ୍ୱରଙ୍କ ସତ୍ତାକୁ ସ୍ୱୀକାର କରିନେଲି ସେତେବେଳେ ମୋ ନିକଟରେ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍ ଧର୍ମକୁ ଗ୍ରହଣ କରିବା ବ୍ୟତୀରେକ ଅନ୍ୟ କୌଣସି ଉପାୟ ନଥିଲା । କାରଣ ଅହେମଦିୟତ୍ ହିଁ ମୋତେ ଈଶ୍ୱରଙ୍କୁ ଚିହ୍ନିବାର ବାଟ ଦେଖାଇଥିଲା । ଏଣୁ ମୁଁ ଅହେମଦି ମୁସଲମାନ ହେଲି ।

ପବିତ୍ର କୁରଆନ୍ କରୀମ୍ ଏହି ଦାବି କରିଥାଏ ଯେ, ଏହି ଧର୍ମଗ୍ରନ୍ଥ ଧର୍ମପରାୟଣ ବ୍ୟକ୍ତିଙ୍କ ନିମନ୍ତେ ମାର୍ଗଦର୍ଶକ ଅଟେ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି ଯେ, ଏହି ଆୟତ୍‌ଗୁଡ଼ିକରେ ଅଧ୍ୟାତ୍ମ ପରିଚୟର ଯେଉଁ ବିନ୍ଦୁ ଲୁକ୍କାୟିତ ହୋଇ ରହିଛି ଅର୍ଥାତ ଅଲ୍ଲାଃତାଲା ଯେପରିକି ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: الٓمّٓ ۔ ذٰلِكَ الْكِتَابُ لَا رَيْبَ فِيْهِ ۔ هُدًى لِّلْمُتَّقِيْنَ **(ଅଲ୍ ବକରାହ୍-2-3)**ଅର୍ଥାତ୍ ଏହା ହେଉଛି ସେହି ପୁସ୍ତକ ଯାହା ପ୍ରଭୁଙ୍କ ଜ୍ଞାନ ଦ୍ୱାରା ହିଁ ଉଦ୍ଭାସିତ ହୋଇଛି । ଏହାର ଜ୍ଞାନ ଅଶିକ୍ଷିତତା ଓ ବିସ୍ମୃତତାରୁ ସଂପୂର୍ଣ୍ଣ ରୂପେ ପବିତ୍ର ଅଟେ । ଅର୍ଥାତ୍ ନିରକ୍ଷରତା ଏବଂ ଦୋଷ ତ୍ରୁଟିରୁ ସଂପୂର୍ଣ୍ଣ ରୂପେ ପବିତ୍ର ଅଟେ । ତେଣୁ ଉକ୍ତ ଧର୍ମ ଗ୍ରନ୍ଥଟି ପ୍ରତ୍ୟେକ ପ୍ରକାରର ସନ୍ଦେହ ଓ ଆଶଙ୍କାରୁ ମୁକ୍ତ ଅଟେ । ଯଦିଓ ପ୍ରଭୁଙ୍କ ଜ୍ଞାନ ମନୁଷ୍ୟର ସଂପୂର୍ଣ୍ଣତ୍ୱ ସକାଶେ ନିଜ ମଧ୍ୟରେ ଏକ ପୂର୍ଣ୍ଣ ଶକ୍ତିର ଅଧିକାରୀ । କିନ୍ତୁ ଉକ୍ତ ଧର୍ମ ପୁସ୍ତକଟି ଧର୍ମପରାୟଣ ବ୍ୟକ୍ତିଙ୍କ ସକାଶେ ପୂର୍ଣ୍ଣ ମାର୍ଗଦର୍ଶନ ଅଟେ । ଏହା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ସେହି ସ୍ତର ପର୍ଯ୍ୟନ୍ତ ଉପନୀତ କରାଏ ଯାହା ମନୁଷ୍ୟର ଉନ୍ନତି ସକାଶେ ଚୂଡ଼ାନ୍ତ ମର୍ଯ୍ୟାଦା ଅଟେ । ପୁନଶ୍ଚ ଉକ୍ତ କଥାକୁ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି ଯେ, ଧର୍ମପରାୟଣ କେଉଁ ବ୍ୟକ୍ତିମାନେ ଅଟନ୍ତି ଯାହାଙ୍କୁ ଅଲ୍ଲାଃତାଲା ସତ୍‌ମାର୍ଗ ପ୍ରଦାନ କରନ୍ତି । ସୁତରାଂ ଉପରୋକ୍ତ ଆୟତ୍‌ରେ ଅଲ୍ଲାଃତାଲା କୁହନ୍ତି: ଧର୍ମପରାୟଣ ହେଉଛନ୍ତି ସେହି ବ୍ୟକ୍ତି ଯେଉଁମାନେ ଆଦୃଷ୍ଟ ପ୍ରଭୁଙ୍କ ଉପରେ ବିଶ୍ୱାସ ସ୍ଥାପନ କରନ୍ତି ଏବଂ ନମାଜ ନିୟମିତ ପାଠ କରନ୍ତି ଏବଂ ନିଜର ଧନ ସମ୍ପତ୍ତିରୁ କିଛି ଅର୍ଥ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରନ୍ତି । ସେହିପରି ସେହି ଧର୍ମପରାୟଣ ବ୍ୟକ୍ତିମାନେ ପବିତ୍ର କୁରଆନ୍ କରୀମ୍ ଓ ପୂର୍ବ ଧର୍ମ ଗ୍ରନ୍ଥମାନଙ୍କ ଉପରେ ବିଶ୍ୱାସ ଆଣନ୍ତି । ତେଣୁ ସେହିମାନେ ହିଁ ସତ୍‌ମାର୍ଗ ଅଭିମୁଖେ ଧାବମାନ ଅଟନ୍ତି ଓ ସେହିମାନେ ହିଁ ମୋକ୍ଷ ପ୍ରାପ୍ତ କରିବେ । **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-136-137)**ହୁଜୁର ଅନ୍‌ୱର୍ ଅ.ବ କହିଲେ ଏହା ହେଉଛି ଧର୍ମପରାୟଣ ବ୍ୟକ୍ତିର ସଂଜ୍ଞା ।

ପବିତ୍ର କୁରଆନ୍ କରୀମ୍ ପୂର୍ଣ୍ଣ ଧର୍ମ ହେବା ସଂକ୍ରାନ୍ତରେ ଆପଣ ଅ.ସ କହୁନ୍ତି:"ଏହି ପ୍ରସଙ୍ଗଟି ସିଦ୍ଧ ଯେ, ପବିତ୍ର କୁରଆନ୍ କରୀମ୍ ଧର୍ମକୁ ସଂପୂର୍ଣ୍ଣ କରିବାର କର୍ତ୍ତବ୍ୟ ସମ୍ପାଦନ କରିଦେଇଛି । ଯେପରିକି ପବିତ୍ର କୁରଆନ୍ କରୀମ୍ ସ୍ୱୟଂ କହେ اَلْيَوْمَ اَكْمَلْتُ لَكُمْ دِيْنَكُمْ وَ اَتْمَمْتُ عَلَيْكُمْ نِعْمَتِىْ وَرَضِيْتُ لَكُمُ الْاِسْلَامَ دِيْنًا:**(ଅଲ୍ ମାଏଦା: 4)** ଅର୍ଥାତ ଆଜି ଆମ୍ଭେ ତୁମମାନଙ୍କ କଲ୍ୟାଣ ସକାଶେ ତୁମମାନଙ୍କର ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରିଅଛୁ ଓ ତୁମମାନଙ୍କ ପ୍ରତି ଆମର ଅନୁଗ୍ରହକୁ ସଂପୂର୍ଣ୍ଣ କରିଅଛୁ ଏବଂ ତୁମମାନଙ୍କ ସକାଶେ ଇସଲମ୍ ଧର୍ମକୁ ଏକ ପୂର୍ଣ୍ଣ ଧର୍ମ ରୂପେ ପସନ୍ଦ କରିଅଛୁ । ସୁତରାଂ ପବିତ୍ର କୁରଆନ୍ କରୀମ ପରେ କୌଣସି ଧର୍ମ ଗ୍ରନ୍ଥ ଭୂପୃଷ୍ଠରେ ଅବତୀର୍ଣ୍ଣ ହୋଇପାରିବ ନାହିଁ । କାରଣ ଯେଭଳି ମନୁଷ୍ୟର ଆବଶ୍ୟକତା ଥିଲା ତାହାସବୁ ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା କରିଦେଲା । ବର୍ତ୍ତମାନ କେବଳ ଈଶ୍ୱରଙ୍କ ସହିତ କଥୋପକଥନର ଦ୍ୱାରା ଉନ୍ମୁକ୍ତ ରହିଛି ଏବଂ ତାହା ପୁଣି ସ୍ୱତଃ ପ୍ରବୃତ୍ତ ଭାବରେ ନହେଁ ବରଂ ସତ୍ୟ ଓ ପବିତ୍ର ବାର୍ତ୍ତାଳାପ ଯାହାକି ସ୍ୱଷ୍ଟ ଏବଂ ଜାଜ୍ୱଲ୍ୟମାନ ରୂପେ ଈଶ୍ୱରଙ୍କ ସାହାଯ୍ୟର ରୂପ ନିଜର ମଧ୍ୟରେ ଧାରଣ ରଖିଥାଏ । ସେହିପରି ଏପରି ଅନେକ ଆଦୃଷ୍ଟ ବିଷୟ ଉପରେ ଆଧାରିତ ପ୍ରସଙ୍ଗ ରହିଛି ଯାହାକି ଆତ୍ମଶୁଦ୍ଧି ପରେ ଓ ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞାବହତା ଏବଂ ଅନୁସରଣତ୍ୱ ମାଧ୍ୟମରେ ପ୍ରାପ୍ତ ହୋଇଥାଏ ।" **(ଚଶ୍‌ମା ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ- 23-80)**

କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆମର ବିରୋଧୀମାନେ ଏହି ବ୍ରହ୍ମଜ୍ଞାନ ସମ୍ବଳିତ ପ୍ରସଙ୍ଗକୁ ଶୁଣିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି ଏବଂ ଶୁଣିବା ପରିବର୍ତ୍ତେ ସେମାନେ ଆମମାନଙ୍କ ଉପରେ ଏହି ଲାଞ୍ଛନା ଲଗାଉଛନ୍ତି ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍ କରୀମ୍‌ରେ ଅକ୍ଲେଶରେ ପରିବର୍ତ୍ତନ ଏବଂ ତାହାର ସମ୍ମାନକୁ କ୍ଷୁର୍ଣ୍ଣ କରୁଛୁ ।

ପବିତ୍ର କୁରଆନ୍ କରୀମ୍ ସମସ୍ତ ଆଧାତ୍ମିକ ବ୍ୟାଧିର ଚକିତ୍ସକ ଅଟେ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ ନିଜ କାଳଜୟୀ ପୁସ୍ତକ **'ଚଶମାଏ ମାଆରିଫତ୍'**ରେ ଉଲ୍ଲେଖ କରି କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ବ୍ରହ୍ମଜ୍ଞାନ ସଂପନ୍ନ ଧର୍ମଗ୍ରନ୍ଥ ଅଟେ ଯେ, ଯାହାର ଆଧାତ୍ମିକ ଚିକିତ୍ସକର ନିୟମାବଳୀକୁ (ଅର୍ଥାତ ଧାର୍ମିକ ନୀତି ନିୟମକୁ) ଶାରୀରୀକ ନିୟମାବଳୀ ସହିତ ସାମଞ୍ଜସ୍ୟତା ଦେଇଛି। ତଦନୁଯାୟୀ ଏହାକୁ ଯଥାର୍ଥ ରୂପେ ବିବେଚିତ କରିଛି । ଏବି ସାମଞ୍ଜସ୍ୟତା ଏଭଳି ଏକ ସୂକ୍ଷ୍ମ ସାମଞ୍ଜସ୍ୟତା ଯାହାକି ଶତାଧିକ ମାଆରିଫ୍ (ଅଧ୍ୟାତ୍ମ ପରିଚୟ) ଓ ସତ୍ୟତା ଉନ୍ମୋଚିତ ହେବାର ଦ୍ୱାର ଅଟେ । ପବିତ୍ର କୁରଆନ୍ କରୀମ୍‌ର ସେହି ବ୍ୟକ୍ତି ହିଁ ପ୍ରକୃତ ଓ ପୂର୍ଣ୍ଣ ବ୍ୟାଖ୍ୟା କରିପାରିବ ଯିଏ ଶାରୀରୀକ ଚକିତ୍ସାକର ନିୟମ ବିଧିକୁ ନିଜ ଦୃଷ୍ଟି ସମ୍ମୁଖରେ ରଖି ପବିତ୍ର କୁରଆନ୍ ଶରୀଫ୍ ଦ୍ୱାରା ବର୍ଣ୍ଣିତ ନିୟମାବଳୀ ତଥା ଆଦେଶାବଳୀ ଉପରେ ଦୃଷ୍ଟିପାତ କରିଥାଏ ।" ଆପଣ ଅ.ସ କୁହନ୍ତି:" ଏକଦା ମୋତେ କେତେକ ପ୍ରବୀଣ ଗବେଷକ, ବୈଦ୍ୟ ତଥା ଚିକିତ୍ସକାମାନଙ୍କର କେତେକ ପୁସ୍ତକ ତନ୍ଦ୍ରାବସ୍ଥାରେ ଦର୍ଶନ କରିବାକୁ ସୁଯୋଗ ପ୍ରାପ୍ତ ହେଲା । ଅଲ୍ଲାଃତାଲା ସ୍ୱୟଂ ମୋର ମାର୍ଗଦର୍ଶନ କଲେ । ଏହି ପୁସ୍ତକଗୁଡ଼ିକ ଶାରୀରୀକ ଚିକିତ୍ସାର ନିୟମାବଳୀ ଏବଂ ନୀତି ବିଦ୍ୟା ଏବଂ ଆବଶ୍ୟକୀୟ ଷଡ଼ ଚିକିତ୍ସା ଆଦି ବିତର୍କ ସମ୍ବଳିତ ବିଷୟବସ୍ତୁ ଉପରେ ଆଧାରିତ ଥିଲା । ତନ୍ମଧ୍ୟରୁ ଜଣେ ନୈପୁଣ୍ୟ ତଥା ପ୍ରବୀଣ ବୈଦ୍ୟ ଯାହାଙ୍କ ନାମ କର୍ଶି ଅଟେ ତାଙ୍କର ପୁସ୍ତକ ଥିଲା । ଉକ୍ତ ପୁସ୍ତକରେ ଏହା ଇଙ୍ଗିତ କରାଯାଇଛି ଯେ, ଏହା ହିଁ ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟା ଅଟେ । ତହିଁରୁ ଏହା ଜ୍ଞାତ ହୁଏ ଯେ, **ଇଲମୁଲ୍ ଅବଦାନ୍** (ଶରୀର ସମ୍ବନ୍ଧୀୟ ବିଦ୍ୟା) ଓ **ଇଲମୁଲ୍ ଅଦୟାନ୍** (ଧାର୍ମିକ ବିଦ୍ୟା) ମଧ୍ୟରେ ଅତ୍ୟନ୍ତ ଗୂଢ଼ ତଥା ସୂକ୍ଷ୍ମ ଅନ୍ତର୍ନିହିତ ରହିଛି । ଦୁହେଁ ପରସ୍ପରର ପରିପୂରକ ଓ ପୁଷ୍ଟିକର୍ତ୍ତା ଓ ଅଟନ୍ତି । ମୁଁ ଯେତେବେଳେ ସେହି ପୁସ୍ତକଗୁଡ଼ିକୁ ନିଜ ଦୃଷ୍ଟି ସମ୍ମୁଖରେ ରଖି ସେହି ପୁସ୍ତକଗୁଡ଼ିକ ଉପରେ ଦୃଷ୍ଟିପାତ କଲି ସେତେବେଳେ ତହିଁରେ ଗୂଢ଼ରୁ

ନିଗୂଢତମ ଶାରୀରିକ ଔଷଧ ବିଧିର ସମସ୍ତ କଥାଗୁଡ଼ିକ ବା ପ୍ରସଙ୍ଗଗୁଡ଼ିକ ଅତ୍ୟନ୍ତ ସାବଲୀଳ ତଥା ଉଚ୍ଚ ଲାଳିତ୍ୟ ଢଙ୍ଗରେ ପବିତ୍ର କୁରଆନ୍‌ରେ ଉପସ୍ଥିତ ଥିବାର ପାଇଲି ।'' **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-102-103)** ଅର୍ଥାତ ଶାରୀରିକ ଏବଂ ଆଧ୍ୟାତ୍ମିକ ଚିକିତ୍ସା ନିମନ୍ତେ ମଧ୍ୟ ପବିତ୍ର କୁରଆନ କରୀମ୍‌ରୁ ହିଁ ସଠିକ୍ ସାହାଯ୍ୟ ଏବଂ ମାର୍ଗଦର୍ଶନ ପ୍ରାପ୍ତ ହୋଇଥାଏ ଏବଂ ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନ ଦେବାକୁ ହେଲେ ଗୂଢତତ୍ତ୍ୱ ସମ୍ବଳିତ ବ୍ରହ୍ମଜ୍ଞାନ ପ୍ରାପ୍ତ କରିବା ସକାଶେ ଯୁଗାବତାରଙ୍କ କଥାକୁ ଶୁଣିବାର ଆବଶ୍ୟକତା ରହିଛି ଏବଂ ସେମାନଙ୍କ ସାହିତ୍ୟ କୃତିର ଅଧ୍ୟୟନ ମଧ୍ୟ ଏକାନ୍ତ ଆବଶ୍ୟକ ଓ ଅପିରହାର୍ଯ୍ୟ ।

ପୁନଶ୍ଚ ଏକଥାକୁ ବର୍ଣ୍ଣନା କରି ଆପଣ ଅ.ସ ଈଶ୍ୱରଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ କରିବାର ମାଧ୍ୟମ ସଂକ୍ରାନ୍ତରେ ବର୍ଣ୍ଣନା କରି କୁହନ୍ତି । ମନେରଖ ! ଯେପର୍ଯ୍ୟନ୍ତ ସେ (ଅର୍ଥାତ ସ୍ୱୟଂ ପ୍ରଭୁ) ସ୍ୱୟଂ ନିଜକୁ ନିଜର ଅଲୌକିକ ନିଦର୍ଶନ ଦ୍ୱାରା ଚିହ୍ନାଇ ଦେଇ ନାହାନ୍ତି ସେପର୍ଯ୍ୟନ୍ତ ମନୁଷ୍ୟ ସେହି ଅନ୍ତର୍ଯାମୀ ଓ ଆଦୃଷ୍ଟ ପ୍ରଭୁଙ୍କୁ କଦାପି ନିଜର ମାନବିକ ଶକ୍ତି ଦ୍ୱାରା ଚିହ୍ନି ପାରିବ ନାହିଁ । ଯେପର୍ଯ୍ୟନ୍ତ ସେ (ଭକ୍ତ) ନିଜର ବିଶିଷ୍ଟ ଏବଂ ପ୍ରକୃତ ସଂପର୍କ ଅର୍ଥାତ ପ୍ରକୃତ ଉପାସନା ମାଧ୍ୟମରେ ପ୍ରଭୁଙ୍କ ସହିତ ପ୍ରକୃତ ତଥା ଦୃଢ ସଂପର୍କ ସ୍ଥାପନ କରି ନେଇ ନାହିଁ ଏବଂ ଯେପର୍ଯ୍ୟନ୍ତ ଆତ୍ମିକ ସାଂସାରିକ କାମନା, ବାସନା ଜନିତ ମୋହ ତା ମନ ଭିତରୁ ଅପସରି ଯାଇ ନାହିଁ, ଯେପର୍ଯ୍ୟନ୍ତ ପରାକ୍ରମୀ ପ୍ରଭୁଙ୍କ ପକ୍ଷରୁ ଏକ ଆଧ୍ୟାତ୍ମିକ ଆଲୋକ ଆସି ତା' ହୃଦୟ କନ୍ଦରରେ ପ୍ରବିଷ୍ଟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତା'ର ପ୍ରଭୁଙ୍କ ସହିତ ପ୍ରକୃତ ଏବଂ ଦୃଢ ସଂପର୍କ କଦାପି ସ୍ଥାପନ ହୋଇପାରିବ ନାହିଁ । ଅତଃ ତୁମେମାନେ ଦେଖ ଯେ, ମୁଁ କିପରି ସେହି ପ୍ରତ୍ୟେକ୍ଷ ଅବଲୋକନମୂଳକ ସାକ୍ଷ୍ୟକୁ ତୁମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଉଛି । ପ୍ରଭୁଙ୍କ ସହିତ ସେହି ପ୍ରକୃତ ତଥା ଦୃଢ ସଂପର୍କ କେବଳ ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞା ପାଳନ ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ । ଅନ୍ୟ ଧର୍ମ ପୁସ୍ତକରେ ସେହି ଜୀବନର ଆତ୍ମା ଆଉ ବିଦ୍ୟମାନ ନାହିଁ ଯାହା ପବିତ୍ର କୁରଆନ୍‌ରେ ରହିଛି ଏବଂ ଆକାଶ ତଳେ କେବଳ ଏକମାତ୍ର ପୁସ୍ତକ ଅର୍ଥାତ ପବିତ୍ର କରୁଆନ ହିଁ ବିଦ୍ୟମାନ ରହିଛି ଯାହାକି ସେହି ପ୍ରିୟ ପରମେଶ୍ୱରଙ୍କ ମୁଖର ଦର୍ଶନ କରାଇଥାଏ।'' **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-2, ପୃ-22)**

ଅତଃ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ ପରିଚାଳିତ ହେବା ଦ୍ୱାରା ହିଁ ପ୍ରଭୁଙ୍କର ସେହି ଅଲୌକିକ ଶକ୍ତି ତଥା ରୂପର ଦର୍ଶନ କରାଯାଇ ପାରିବ (ଆମେ ସେହି ଅଲୌକିକ ଶକ୍ତିକୁ ସ୍ୱଚକ୍ଷୁରେ ଅବଲୋକନ କରିପାରିବୁ) । ହୁଜୁର ଅ.ସ କହିଲେ: ଆମ ଅହେମଦିମାନଙ୍କ ନିମନ୍ତେ ମଧ୍ୟ ଉପରୋକ୍ତ କଥା ଚିନ୍ତାଜନକ ବିଷୟ ଅଟେ । ଆମମାନଙ୍କ ମଧ୍ୟରୁ ଏପରି  କେତେ ଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରନ୍ତି ଏବଂ ଧ୍ୟାନପୂର୍ବକ ଏହାକୁ ଆବୃତ୍ତି କରନ୍ତି ? ସୁତରାଂ ଏଥିପାଇଁ ଆମମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବା ଉଚିତ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୋର ଏବଂ ଏବଂ ସତ୍ୟବାଦୀମାନଙ୍କ ମଧ୍ୟରେ ଅର୍ଥାତ ଯେଉଁମାନେ ମୋ ପୂର୍ବରୁ ଏହି ମର୍ତ୍ତ୍ୟମଣ୍ଡଳରୁ ବିଦାୟ ନେଇ ସାରିଛନ୍ତି ଏକ ପ୍ରତ୍ୟକ୍ଷ ତଥା ବ୍ୟକ୍ତିଗତ ଅନୁଭବ ରହିଛି ଯେ, ପବିତ୍ର କରୁଆନ କରୀମ୍ ଏବଂ ଆଁହଜରତ ସ.ଅଙ୍କ ପ୍ରକୃତ ଅନୁକରଣତ୍ୱ ଏବଂ ଆଜ୍ଞାକାରୀତା ପ୍ରକୃତ ନିଷ୍ଠା ଏବଂ ଅବିଚଳତା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଏହି ବିଶେଷତା କ୍ରମଶଃ ଏକେଶ୍ୱର ପ୍ରଭୁଙ୍କ ପ୍ରେମରେ ନିମଜ୍ଜିତ ହେବା ଦ୍ୱାରା ହୃଦୟ ମଧ୍ୟରେ ସ୍ଥିରତ୍ୱ ଓ ସ୍ଥାୟୀତ୍ୱତା ଲାଭ କରିଥାଏ ଏବଂ ପବିତ୍ର ଐଶୀବାଣୀର ଆଧ୍ୟାତ୍ମିକ ଶକ୍ତି ମନୁଷ୍ୟର ଆତ୍ମାକୁ ଏକ ଆଲୋକ ପ୍ରଦାନ କରିଥାଏ ଯଦ୍ଦ୍ୱାରାକି ଚକ୍ଷୁ ଖୋଲିଥାଏ ଏବଂ ପରିଣାମଦର୍ଶୀକୁ ପରକାଳର ଅଭୂତପୂର୍ବ ଅଲୌକିକତା ଦୃଶ୍ୟମାନ ହୋଇଥାଏ । ଅତଃ ସେହି ଦିନ ଠାରୁ ତାକୁ ବିଶ୍ୱାସମୂଳକ ବିଦ୍ୟା ଜ୍ଞାତ ହୋଇଥାଏ ଯେ,  ଈଶ୍ୱର ଅଛନ୍ତି ଏବଂ ପୁନଶ୍ଚ ଏହି ବିଶ୍ୱାସଟି କ୍ରମଶଃ ବୃଦ୍ଧି ପାଇଥାଏ । ଏପର୍ଯ୍ୟନ୍ତକି ବିଶ୍ୱାସମୂଳକ ଜ୍ଞାନରୁ ଚାକ୍ଷୁଷିକ ଜ୍ଞାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ପୁନଶ୍ଚ ଚାକ୍ଷୁଷିକ ଜ୍ଞାନରୁ ପ୍ରକୃତ ତଥା ସତ୍ୟାତ୍ମକ ଜ୍ଞାନ ପର୍ଯ୍ୟନ୍ତ ମନୁଷ୍ୟ ପହଞ୍ଚି ଯାଇଥାଏ । ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ ଏବଂ ଆଁହଜରତ ସ.ଅଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରେ କିନ୍ତୁ ଏହା ପୂର୍ବରୁ ସେହି ବ୍ୟକ୍ତିକୁ ଆତ୍ମିକ ପବିତ୍ରତା ପ୍ରାପ୍ତ ହୋଇ ନାହିଁ ଏବଂ ଅନେକ ପ୍ରକାରର ପାପ ପଙ୍କିଳରେ ସେ ପ୍ରପୀଡ଼ିତ ହୋଇଥାଏ । ପୁନଶ୍ଚ ଏହାପରେ ଈଶ୍ୱରଙ୍କ କୃପା ତା'ର ହସ୍ତକୁ ଧରି ନେଇଥାଏ ଏବଂ ଅଲୌକିକ ଚମତ୍କାର ମାଧ୍ୟମରେ ତା'ର ବିଶ୍ୱାସକୁ ଈଶ୍ୱର ଏକ ବଳ ପ୍ରଦାନ କରିଥାଆନ୍ତି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହି ପ୍ରତିଶୃତି ଦଇଛନ୍ତି ଯେ, لَهُمُ الْبُشْرٰی فِی الْحَیٰوةِ الدُّنْیَا **(ସୁରାଃ ୟୁନୁସ୍:65)** ଅର୍ଥାତ୍ ବିଶ୍ୱାସକାରୀଙ୍କୁ ଇହକାଳରେ ହିଁ ଶୁଭ ସମ୍ବାଦ ପ୍ରାପ୍ତ ହୋଇଥାଏ । ଠିକ୍ ସେହିପରି ସେ (ବିଶ୍ୱାସକାରୀ) ନିଜ ଅସ୍ତିତ୍ୱ ସଂକ୍ରାନ୍ତରେ ଅନେକ ପ୍ରକାରର ଶୁଭ ସୂଚନା ପ୍ରାପ୍ତ ପଇବାକୁ ଲାଗିଥାଏ ଏବଂ କ୍ରମଶଃ ସେହି ଶୁଭ ସୂଚନା ମାଧ୍ୟମରେ ତା'ର ବିଶ୍ୱାସ ଦୃଢୀଭୂତ ହୋଇଯାଇଥାଏ । ଫଳତଃ ସେ ଧୀରେ ଧୀରେ ପାପକୁ ତ୍ୟାଗ କରିବାକୁ ଲାଗିଥାଏ ଏବଂ ପୁଣ୍ୟ କର୍ମ ଆଡ଼କୁ କ୍ରିୟାଶୀଳ ଓ ଅଗ୍ରସର ହୋଇଥାଏ । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-423)**

ଇସ୍‌ଲାମ୍ ଧର୍ମର ଶ୍ରେଷ୍ଠତା ସଂପର୍କରେ ଏକ ବିଷୟବସ୍ତୁ ଆର୍ଯ୍ୟ ସମାଜର ଏକ ଧର୍ମ ସମ୍ମିଳନୀରେ ପାଠ କରାଯାଇଥିଲା ତହିଁରେ ପବିତ୍ର କୁରଆନ୍ ଶରୀଫ୍‌ର ଶ୍ରେଷ୍ଠତ୍ୱର ବିଶେଷ ରୂପେ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି, "ଶ୍ରେଷ୍ଠ ଏବଂ ପାର୍ଥକ୍ୟ ଜନିତ ସେହି ନିଦର୍ଶନ ଯାହାକି ଐଶୀବାଣୀ ସମ୍ବଳିତ ଧର୍ମ ଗ୍ରନ୍ଥକୁ ଚିହ୍ନିବା ପାଇଁ ସଦ୍‌ବୁଦ୍ଧିର ପରିଚାୟକ ବୋଲି ବିବେଚନା କରାଯାଇଛି ତାହା କେବଳ ପ୍ରଭୁଙ୍କ ପବିତ୍ର ଗ୍ରନ୍ଥରୁ ଏବଂ ପ୍ରଭୁଙ୍କ ଗ୍ରନ୍ଥରେ ହିଁ ମିଳିଥାଏ । ଏହି ଯୁଗରେ ସେହି ସମସ୍ତ ଗୁଣାବଳୀଗୁଡ଼ିକ ଯାହା ଈଶ୍ୱରଙ୍କ ଗ୍ରନ୍ଥରେ ଶ୍ରେଷ୍ଠ ତଥା ପାର୍ଥକ୍ୟ ଜନିତ ନିଦର୍ଶନ ରୂପେ ବିବେଚିତ ହେବା ଉଚିତ ବୋଲି ଦର୍ଶାଯାଇଛି ତାହା କିନ୍ତୁ ଅନ୍ୟ ପୁସ୍ତକରେ ସଂପୂର୍ଣ୍ଣ ରୂପେ ଦେଖିବାକୁ ମିଳେ ନାହିଁ ବରଂ ତାହା ଦେଖିବା ଅତ୍ୟନ୍ତ ବିରଳ ଅଟେ । ସମ୍ଭବତଃ ସେହି ଗ୍ରନ୍ଥମାନଙ୍କରେ ସେହି ଗୁଣାବଳୀଗୁଡ଼ିକ ପୂର୍ବକାଳରେ ହିଁ ହୋଥାଇପାରେ କିନ୍ତୁ ବର୍ତ୍ତମାନ ସେହି ଗୁଣାବଳୀଗୁଡ଼ିକର ଆଉ ଦେଖିବାକୁ ମିଳୁ ନାହିଁ । ଅତଏବ୍ ମୁଁ ସେହି ଧର୍ମଗ୍ରନ୍ଥମାନଙ୍କୁ ଐଶୀବାଣୀ ସମ୍ବଳିତ ବୋଲି ମନେକରେ । କିନ୍ତୁ ଯଦିଓ ତାହା ଐଶୀବାଣୀ ଆଧାରିତ ଏବଂ ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ଅଟନ୍ତି କିନ୍ତୁ ନିଜର ସାଂପ୍ରତିକ ସ୍ଥିତାବସ୍ଥା ଅନୁଯାୟୀ ସଂପୂର୍ଣ୍ଣ ରୂପେ ନିରର୍ଥକ ଅଟନ୍ତି ଏବଂ ତାହା ସେହି ରାଜକୀୟ ଦୁର୍ଗ ପରି ଅଟନ୍ତି ଯାହାକି ଜନଶୂନ୍ୟ ଏବଂ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ସେହି ଦୁର୍ଗରୁ ଧନସମ୍ପତ୍ତି, ସୈନ୍ୟବାହିନୀମାନେ ସମସ୍ତେ ପ୍ରସ୍ଥାନ କରିଯାଇଛନ୍ତି ।"

ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲା ଓ ପବିତ୍ର କୁରଆନ୍‌ର ଅନନ୍ୟ ପାର୍ଥକ୍ୟମୂଳକ ସୁଗୁଣାବଳୀଗୁଡ଼ିକର ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି, ବର୍ତ୍ତମାନ ମୁଁ ନିମ୍ନରେ ପବିତ୍ର କୁରଆନ୍ କରୀମ୍‌ର ସେହି ଅନନ୍ୟ ପାର୍ଥକ୍ୟମୂଳକ ସୁଗୁଣାବଳୀ ଏବଂ ନିଦର୍ଶନ ସଂପର୍କରେ ବର୍ଣ୍ଣନା କରିଦେଉଛି ଯାହାକି ମନୁଷ୍ୟ ସାମର୍ଥ୍ୟ ବହିର୍ଭୂତ ଅଟନ୍ତି । **ପ୍ରଥମତଃ-** ତହିଁରେ (ପବିତ୍ର କୁରଆନ୍ କରୀମ୍‌ରେ) ଏକ ଓଜସ୍ୱୀମୂଳକ ଏବଂ ପରାକ୍ରମୀମୂଳକ ଐଶି ଶକ୍ତି ଅନ୍ତର୍ନିହିତ ରହିଛି ଯାହାକୁ ପାଳନ କରୁଥିବା ବ୍ୟକ୍ତି କଳ୍ପନାମୂଳକ ଗୂଢତତ୍ତ୍ୱ ଠାରୁ ଅଗ୍ରସର ହୋଇ ବିଶ୍ୱାସମୂଳକ ଗୂଢତତ୍ତ୍ୱ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ତାହା କେବଳ କଳ୍ପନା ପ୍ରସୂତଃ ହୋଇ ନଥାଏ ବରଂ ବିଶ୍ୱାସମୂଳକ ମଧ୍ୟ ହୋଇଥାଏ ଏବଂ ବିଶ୍ୱାସମୂଳକ ଗୂଢତତ୍ତ୍ୱ କିପରି ପ୍ରାପ୍ତ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହୋଇଥାଏ ? ତାହା ଏହିପରି ଯେ, ଯେତେବେଳେ ମନୁଷ୍ୟ ପୂର୍ଣ୍ଣ ରୂପେ ପବିତ୍ର କୁରଆନ୍ କରୀମ୍‌ରେ ଅବତୀର୍ଣ୍ଣ ହୋଇଥିବା ଈଶ୍ୱରଙ୍କ ଆଦେଶାବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରେ ସେତେବେଳେ ଐଶୀ ଶକ୍ତିର ଦୃଷ୍ଟାନ୍ତ ଚମତ୍କାର ଆକାରରେ ତାହାକୁ ଦୃଶ୍ୟମାନ ହୋଇଥାଏ ଏବଂ ପ୍ରଭୁ ସେହି ବ୍ୟକ୍ତି ସହିତ ବାର୍ତ୍ତାଳାପ ହୁଅନ୍ତି ଓ ନିଜର ଅଲୌକିକ ବାଣୀ ମାଧ୍ୟମରେ ଲୁକ୍କାୟିତ ପ୍ରସଙ୍ଗ ସଂକ୍ରାନ୍ତରେ ତାହାକୁ ଅବଗତ କରିଥାଆନ୍ତି । ସୁତରାଂ ମୁଁ ପବିତ୍ର କୁରଆନ୍ କରୀମର ଏହି କଲ୍ୟାଣଗୁଡ଼ିକୁ କେବଳ ଗଳ୍ପ ଏବଂ ଘଟଣା ଆକାରରେ ବର୍ଣ୍ଣନା କରୁ ନାହିଁ । ବରଂ ମୁଁ ସେହି ଚମତ୍କାର ଉପସ୍ଥାପନ କରୁଛି ଯାହା ମୋତେ ସ୍ୱୟଂ ପ୍ରଭୁ ଅବଲୋକନ କରାଇଛନ୍ତି । ସେହି ସମସ୍ତ ଚମତ୍କାରର ସଂଖ୍ୟା ପ୍ରାୟତଃ ଏବଂ ସମ୍ଭବତଃ ଏକ ଲକ୍ଷ ଓ ତହିଁରୁ ଉର୍ଦ୍ଧ୍ୱ ହେବ । ଈଶ୍ୱର ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, ଯେଉଁ ବ୍ୟକ୍ତି ମୋର ଏହି ଐଶୀବାଣୀସମ୍ବଳିତ ପବିତ୍ର ଧର୍ମଗ୍ରନ୍ଥ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରେ ଏବଂ ଏହାର ଆଜ୍ଞାପାଳନ କରେ ତେବେ ସେହି ବ୍ୟକ୍ତି କେବଳ ଉକ୍ତ ଧର୍ମଗ୍ରନ୍ଥର ଚମତ୍କାର ଉପରେ ବିଶ୍ୱାସ ଆଣେ ନାହିଁ ବରଂ ସେହି ବ୍ୟକ୍ତିକୁ ମଧ୍ୟ ଅଲୌକିକ ଚମତ୍କାର ପ୍ରଦାନ କରାଯାଇଥାଏ । ଅତଃ ମୁଁ ପ୍ରତ୍ୟେକ୍ଷ ରୂପେ ସ୍ୱୟଂ ସେହି ଚମତ୍କାର ପ୍ରଭୁଙ୍କ ଐଶୀବଣୀ ଅର୍ଥାତ ପବିତ୍ର କୁରଆନ୍‌ର ପ୍ରଭାବ ବା ଗୁଣରୁ ହିଁ ପ୍ରାପ୍ତ କରିଛି ଯାହାକି ମନୁଷ୍ୟର ସାମର୍ଥ୍ୟ ଓ ଶକ୍ତି ବହିର୍ଭୂତ ଅଟେ ଏବଂ ଏହା ପ୍ରଭୁଙ୍କର ହିଁ ଲୀଳା ତଥା କାର୍ଯ୍ୟ ଅଟେ । ସେହି ଭୂମିକମ୍ପ ଯାହା ଭୂପୃଷ୍ଠରେ ସଂଗଠିତ ହୁଏ ଓ ସେହି ପ୍ଲେଗ୍ ମହାମାରୀ ଯାହାକି ସଂସାରକୁ ଗ୍ରାସ କରୁଛି ତାହା ସେହି ଚମତ୍କାର ମଧ୍ୟରୁ ଅନ୍ୟତମ ଅଟନ୍ତି । ସୁତରାଂ ଏହି ଚମତ୍କାର ମୋତେ ପ୍ରଦାନ କରାଯାଇଛି । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-402-403)** ଅତଃ ମୁଁ ସ୍ୱୟଂ ସେହି ଚମତ୍କାର ପ୍ରଭୁଙ୍କ ଐଶୀବଣୀ ଅର୍ଥାତ ପବିତ୍ର କୁରଆନ୍‌ର ପ୍ରଭାବ ବା ଗୁଣରୁ ହିଁ ପ୍ରାପ୍ତ କରିଛି ଯାହାକି ମନୁଷ୍ୟର ସାମର୍ଥ୍ୟ ଓ ଶକ୍ତି ବହିର୍ଭୂତ ଅଟେ ଏବଂ ଏହା ପ୍ରଭୁଙ୍କର ହିଁ ଲୀଳା ତଥା କାର୍ଯ୍ୟ ଅଟେ ।

ଆପଣ ଅ.ସ କୁହନ୍ତି ଏହା କୌଣସି ଚମତ୍କାର ନୁହେଁ ବରଂ ପବିତ୍ର କୁରଆନ୍ ଶରୀଫ ହିଁ ଅଟେ । କାରଣ ଆମେମାନେ ସେହି ପ୍ରଭୁଙ୍କ ଶକ୍ତି ଏବଂ ତାହାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆତ୍ମା ଦ୍ୱାରା ହିଁ ନିଜର କାର୍ଯ୍ୟ ସମ୍ପାଦନ କରିଥାଉ। ଅତଃ ପବିତ୍ର କୁରଆନ୍ କରୀମ୍‌ର ମହାନ୍ ଓ ବଳିଷ୍ଠ ଶକ୍ତି ମଧ୍ୟରୁ ଗୋଟିଏ ଶକ୍ତି ଏହିକି ଯେ, ପବିତ୍ର କୁରଆନ୍‌ର ଆଜ୍ଞାକାରୀ ବ୍ୟକ୍ତିକୁ ଅପୂର୍ବ ଓ ଅଲୌକିକ ଚମତ୍କାର ପ୍ରଦାନ କରାଯାଇଥାଏ ଏବଂ ତାହା ଏତେ ପ୍ରାଚୁର୍ଯ୍ୟତାର ସହିତ ପ୍ରଦାନ ହୋଇଥାଏ ଯେ, ପୃଥିବୀବାସୀ ଏହାର ମୁକାବିଲା କରି ପାରିବେ ନାହିଁ । ସୁତରାଂ ମୁଁ ଏହି ଦାବି କରୁଛି ଏବଂ ଉଚ୍ଚ ସ୍ୱରରେ କହୁଛି ଯେ, ଯଦି ସଂସାରର ସମସ୍ତ ବିରୋଧୀ ଯଥା- ସେମାନେ ପଛେ ପୂର୍ବ ଦିଗର ହୁଅନ୍ତୁ ଅବା ପଶ୍ଚିମ ଦିଗର ହୁଅନ୍ତୁ, ସମସ୍ତେ ଏକ ପଡ଼ିଆ ଏକତ୍ରିତ ହୋଇ ଯାଆନ୍ତି ଏବଂ ନିଦର୍ଶନ ଏବଂ ଚମତ୍କାର ପ୍ରଦର୍ଶନ କରିବାରେ ମୋ ସହିତ ପ୍ରତିଯୋଗୀତା କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ମୁଁ ଅଲ୍ଲାଃତାଲାଙ୍କ କୃପାରୁ ଏବଂ ପ୍ରଭୁଙ୍କ ସାମର୍ଥ ଦ୍ୱାରା ସମସ୍ତଙ୍କୁ ପରାଜିତ କରି ବିଜୟ ବିମଣ୍ଡିତ ହେବି । ବିଜୟ ସେହି କାରଣରୁ ହେବ ନାହିଁ ଯେ, ମୋ ଆତ୍ମାରେ କିଛି ଅଧିକ ଶକ୍ତି ନିହିତ ରହିଛି । ବରଂ ବିଜୟ ଏହି କାରଣରୁ ହେବ ଯେ, ଅଲ୍ଲାଃତାଲା ଏହା ଚାହିଁଥିଲେ ଯେ, ତାହାଙ୍କ ବାଣୀ ପବିତ୍ର କୁରଆନ୍ କରୀମ୍‌ର ବଳିଷ୍ଠ ଏବଂ ଜ୍ୱଳନ୍ତ ଶକ୍ତି ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅଙ୍କ ଆତ୍ମାର ଶକ୍ତି ତଥା ସର୍ବୋଚ୍ଚ ମର୍ଯ୍ୟାଦା ସମ୍ପନ୍ନ ହେବାର ପ୍ରମାଣ ଉପସ୍ଥାପିତ କରିବି। ସେହି ପ୍ରଭୁ ମୋର କୌଣସି ଗୁଣ ଅବା କୌଣସି ବିଶିଷ୍ଟ କଳା ଯୋଗୁଁ ମୋତେ ସାମର୍ଥ୍ୟ ପ୍ରଦାନ କରି ନାହାନ୍ତି ବରଂ ମୁଁ ସେହି ସର୍ବ ମହାମାନ୍ୟ ଅବତାର ହ. ମୁହମ୍ମଦ ସ.ଅ ଓ ତାହାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ବଳିଷ୍ଠ ବାଣୀ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞା ପାଳନ କରେ ଏବଂ ସେହି ବାର୍ତ୍ତାବହଙ୍କୁ ମୁଁ ଭଲ ପାଏ ଏବଂ ସେହି ଐଶୀବାଣୀ ଯାହାର ଅନ୍ୟ ନାମ ପବିତ୍ର କୁରଆନ୍ ଅଟେ, ଯାହା ଐଶୀ ଶକ୍ତିର ପରିପ୍ରକାଶକ ଅଟେ । ସୁତରାଂ ମୁଁ ସେହି ସର୍ବଶକ୍ତିମାନ ପ୍ରଭୁ ଏବଂ ବଳିଷ୍ଠ ତଥା ଚୂଡ଼ାନ୍ତ ନିଦର୍ଶନମୂଳକ ଗ୍ରନ୍ଥ ପବିତ୍ର କୁରଆନ୍ କରୀମ ଉପରେ ହିଁ ବିଶ୍ୱାସ ସ୍ଥାପନ କରେ । ପବିତ୍ର କୁରଆନ୍ କରୀମ୍‌ର ଏହି ପ୍ରତିଶ୍ରୁତି ରହିଛି ଯେ, لَهُمُ الْبُشْرٰى فِى الْحَيٰوةِ الدُّنْيَا । ଏହି ପ୍ରତିଶ୍ରୁତି ମଧ୍ୟ ରହିଛି ଯେ, اَيَّدَهُمْ بِرُوْحٍ مِّنْهُ । ସେହିପରି ଏହି ପ୍ରତିଶ୍ରୁତି ମଧ୍ୟ ରହିଛି ଯେ, يَجْعَلْ لَّكُمْ فُرْقَانًا । ଏହି ପ୍ରତିଶ୍ରୁତି ଅନୁଯାୟୀ ଅଲ୍ଲାଃତାଲା ମୋତେ ଏହିସବୁ ଶକ୍ତି ପ୍ରଦାନ କରିଛନ୍ତି। ଉପରୋକ୍ତ ଆୟତ୍‌ର ଅନୁବାଦ ହେଲା ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍ ଉପରେ ଆସ୍ଥା ସ୍ଥାପନ କରିବେ ସେମାନଙ୍କୁ ଶୁଭ ସମ୍ବାଦମୂଳକ ସ୍ୱପ୍ନ ଦର୍ଶନ ହେବ ଏବଂ ଐଶୀବାଣୀ ମଧ୍ୟ ହେବ । ଅର୍ଥାତ ସେମାନଙ୍କୁ ବହୁଳ ରୂପେ ଐଶୀବାଣୀ ସମ୍ବଳିତ ଶୁଭ ସମାଚାର ପ୍ରଦାନ କରାଯିବ । ଅନ୍ୟଥା ବେଳେବେଳେ କେତେକ ବ୍ୟକ୍ତିଙ୍କୁ ସତ୍ୟ ସ୍ୱପ୍ନ ଦୃଶ୍ୟମାନ ହୋଇଥାଏ । କିନ୍ତୁ ସମୁଦ୍ରକୁ ଶଙ୍ଖେ ସହିତ ତୁଳନା କଲେ ଯେପରି ତା'ର କୌଣସି ଅସ୍ତିତ୍ୱ ନାହିଁ, ଯେପରି ପଇସା ସହିତ ମୁଦ୍ରାକୋଷକୁ ତୁଳନା କଲେ ଯେପରି ତାହାର କୌଣସି ମୂଲ୍ୟ ତଥା ସ୍ଥିତାବସ୍ଥା ନାହିଁ । ଠିକ୍ ସେହିପରି ଅନ୍ୟ ବ୍ୟକ୍ତିମାନେ ଯେଉଁମାନଙ୍କୁ ସତ୍ୟ ସ୍ୱପ୍ନର କିଛି ଅଂଶ ପ୍ରାପ୍ତ ହୋଇଥାଏ ଅର୍ଥାତ ସେମାନେ କିଛିଟା ସତ୍ୟ ସ୍ୱପ୍ନ ଅବଲୋକନ କରି ନିଅନ୍ତି ଏବଂ ଏହା ଭାବନ୍ତି ଆମେ ସନ୍ଥ ବା ଅବତାର ଅଟୁ । ତେଣୁ ସେହିପରି ବ୍ୟକ୍ତିମାନେ ମୋର ଅହରହ ଜନିତ ସତ୍ୟ ସ୍ୱପ୍ନ ସମ୍ମୁଖରେ ଆଦୌ ତିଷ୍ଠି ପାରିବେ ନାହିଁ । ଆପଣ ଅ.ସ ପୁନଶ୍ଚ କହିଲେ ପୂର୍ଣ୍ଣ ଆଜ୍ଞାପାଳନକାରୀ ବ୍ୟକ୍ତିଙ୍କୁ ପବିତ୍ରାତ୍ମା ଦ୍ୱାରା ସାହାଯ୍ୟ କରାଯିବ । ଅର୍ଥାତ ସେହି ଆଜ୍ଞାପାଳନକାରୀ ବ୍ୟକ୍ତିକୁ ବୋଧ, ଏବଂ ବୁଦ୍ଧି ପ୍ରଦାନ କରାଯାଇ ଆଦୃଷ୍ଟ ଶକ୍ତିର ଆଲୋକ ପ୍ରାପ୍ତ ହେବ ଏବଂ ସେହି ବ୍ୟକ୍ତିଙ୍କର ସ୍ୱପ୍ନାବସ୍ଥାକୁ ଭଲ ଭାବରେ ନିର୍ମଳ କରିଦିଆଯିବ। ସେମାନଙ୍କର କଥନ ଏବଂ କରଣ (କାର୍ଯ୍ୟ) ମଧ୍ୟରେ ଏକ ପ୍ରଭାବ ବିଦ୍ୟମାନ ରହିବ, ସେମାନଙ୍କର ବିଶ୍ୱାସକୁ ଖୁବ୍ ଦୃଢୀଭୂତ କରାଯିବ । ଆପଣ ଅ.ସ ପୁନଶ୍ଚ କହିଲେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଏବଂ ଅନ୍ୟ ବ୍ୟକ୍ତି ମଧ୍ୟରେ ଏକ ସ୍ୱଷ୍ଟ ପାର୍ଥ୍ୟକ ରଖିଦେବେ । ଅର୍ଥାତ ସେହି ବ୍ୟକ୍ତିମାନଙ୍କୁ ଅନ୍ୟ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ସୂକ୍ଷ୍ମ ଗୂଢତତ୍ତ୍ୱ ପ୍ରଦାନ କରାଯିବ ଏବଂ ସେମାନଙ୍କୁ ଅନ୍ୟମାନେଙ୍କ ଅପେକ୍ଷା ଅଧିକ ଚମତ୍କାର ଏବଂ ଅନନ୍ୟତାମୂଳକ ଚମତ୍କାର ଏବଂ ନିଦର୍ଶନ ପ୍ରଦାନ କରାଯିବ । ଏହି ଚମତ୍କାର, ଅନନ୍ୟତା ଏବଂ ଗୂଢତତ୍ତ୍ୱ ଉପସ୍ଥାପିତ କରିବାକୁ ଅନ୍ୟ ସମସ୍ତ ଜାତି ଓ ଅନ୍ୟ ସାଧାରଣ ଲୋକ ବିଫଳ ତଥା ଅକ୍ଷମ ଅଟନ୍ତି । ଆମେମାନେ ଏହା ଅବଲୋକନ କରୁ ଯେ, ପୁରାକାଳରୁ ଈଶ୍ୱରଙ୍କ ଏହି ପ୍ରତିଶ୍ରୁତି ପୂର୍ଣ୍ଣ ହୋଇ ଆସୁଛି ଏବଂ ଏହି କାଳରେ ଆମେମାନେ ସ୍ୱୟଂ ଏହାର ପ୍ରତ୍ୟେକ୍ଷଦର୍ଶୀ ଅଟୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ଏପରି ହୁଅନ୍ତା କି ଏହି ପ୍ରସଙ୍ଗକୁ କେତେକ ମୁସଲମାନମାନେ ମଧ୍ୟ ବୁଝନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ଏହାର ସଠିକ୍ ଓ ସମ୍ୟକ ଜ୍ଞାନ ଏବଂ ହୃଦବୋଧ୍ୟତା ପ୍ରାପ୍ତ ହେଉ । ଏହି କାଳରେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ନିଦର୍ଶନ ସହିତ ପ୍ରେରଣ କରିଛନ୍ତି ଏବଂ ସେହି ନିଦର୍ଶନର ପରମ୍ପରା ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଐଶୀବାଣୀର ସଠିକ୍ ରୂପେ ଆଜ୍ଞାପାଳନ କରନ୍ତି ତେବେ ସେହି ବ୍ୟକ୍ତିକୁ ମଧ୍ୟ ଅଲ୍ଲାଃତାଲା କୌଣସି ନା କୌଣସି ସ୍ୱାଦ ଆସ୍ୱାଦନ କରାଇଥାଆନ୍ତି ।

ଆପଣ ଅ.ସ ପୁନଶ୍ଚ କୁହନ୍ତି, ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ସେହି ବଳିଷ୍ଠ ପ୍ରମାଣ ଏବଂ ଶକ୍ତିର ଚର୍ଚ୍ଚା କରିଅଛୁ ଯାହା ନିଜର ପାଳନକାରୀଙ୍କ ଉପରେ ପ୍ରଭାବ ପକାଇଥାଏ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଅନ୍ୟ ଚମତ୍କାର ଦ୍ୱାରା ମଧ୍ୟ ପୂର୍ଣ୍ଣ ଅଟେ । ପବିତ୍ର କୁରଆନ୍ କରୀମ୍ ଇସଲାମ୍ ଧର୍ମର ଉନ୍ନତି ଏବଂ ପ୍ରତିଷ୍ଠା ବା ସମ୍ମାନର ସେତେବେଳେ ସୂଚନା ପ୍ରଦାନ କରିଥିଲା ଯେତେବେଳେ ଆଁହଜରତ ସ.ଅ ମକ୍କାର ବଣ ଜଙ୍ଗଲରେ ଏକୁଟିଆ ବୁଲୁଥିଲେ (ବଣରେ ନିଃସଙ୍ଗ ହୋଇ ବିଚରଣ କରୁଥିଲେ) ଏବଂ ଆପଣ ସ.ଅଙ୍କ ସହିତ କେତେକ ଦରିଦ୍ର ଏବଂ ଦୁର୍ବଳ ମୁସଲମାନମାନଙ୍କୁ ଛାଡ଼ିଦେଲେ ଆଉ କୌଣସି ବ୍ୟକ୍ତି ନଥିଲେ । ଯେତେବେଳେ କୈସରେ ରୋମ୍ ଇରାନୀୟମାନଙ୍କ ସହିତ ଯୁଦ୍ଧ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

କରି ପରାସ୍ତ ହୋଇଗଲା ଏବଂ ଇରାନର କିସ୍ରା (ସମ୍ରାଟ୍) ସେହି ଦେଶର ଏବଂ ବୃହତ୍ ଭୂଖଣ୍ଡକୁ ଅଧିକାର କରି ନେଇଥିଲା । ତଥାପି ପବିତ୍ର କୁରଆନ୍ କରୀମ ଭବିଷ୍ୟବାଣୀ ସ୍ୱରୂପ ଏହି ସୂଚନା ପ୍ରଦାନ କରିଥିଲା ଯେ, ୯ ବର୍ଷ ଭିତରେ ପୁନଶ୍ଚ କୈସରେ ରୋମ୍ ବିଜିତ ହୋଇଯିବ ଏବଂ ଇରାନୀୟମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିବ । ସୁତରାଂ ଏହା ହିଁ ଘଟିଲା । ଏହିପରି ଘଟଣା ଶକ୍କୁଲ୍ କମର୍ (ଚନ୍ଦ୍ର ଦୁଇଖଣ୍ଡ ହେବା)ର ଭବ୍ୟ ଏବଂ ମହାନ ଓ ଅଲୌକିକ ଚମତ୍କାର ତାହା ଈଶ୍ୱରଙ୍କ ସତ୍ତାକୁ ପ୍ରକାଶିତ ଓ ଉଦ୍‌ଘାଟିତ କରୁଛି । ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅଙ୍କ ଚନ୍ଦ୍ରପୃଷ୍ଠ ଆଡ଼କୁ ଆଙ୍ଗୁଠି ଦ୍ୱାରା ଇଙ୍ଗିତ କରିବା ଫଳରେ ଚନ୍ଦ୍ର ଦୁଇ ଖଣ୍ଡ ହୋଇଯାଇଥିଲା ଏବଂ ଅବିଶ୍ୱାସକାରୀମାନେ ସେହି ଅଲୌକିକ ଚମତ୍କାରକୁ ଦେଖିଥିଲେ । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-409-411)**

ହୁଜୁର ଅନ୍‌ୱର ଅ.ବ କହିଲେ ଉପରୋକ୍ତ ସମସ୍ତ ବୃତ୍ତାନ୍ତ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଚଶ୍‌ମା ମାଆରିଫତ୍‌ରେ ଉଲ୍ଲେଖିତ ଅଛି । ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ଘଟଣାବଳୀ ତଥା ଗଳ୍ପାଦିର ଉଲ୍ଲେଖ ରହିଛି ତାହା କେବଳ ଘଟଣା ନୁହେଁ ବରଂ ସେହି ଘଟଣାବଳୀ ହେଉଛି ଗୋଟିଏ ଗୋଟିଏ ଭବିଷ୍ୟତବାଣୀ ଯାହାକି ଗଳ୍ପ ଏବଂ ଘଟଣାବଳୀ ଆକାରରେ ଉଲ୍ଲିଖିତ ହୋଇଛି । ହିଁ ତୌରାତ୍‌ରେ କେବଳ ଗଳ୍ପ ବର୍ଣ୍ଣିତ ହୋଇଥିବା ସୂଚନା ମିଳେ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ କାହାଣୀକୁ ରସୁଲ କରୀମ୍ ସ.ଅଙ୍କ ସକାଶେ ଏବଂ ଇସ୍‌ଲାମ୍ ଧର୍ମ ନିମନ୍ତେ ଏକ ଭବିଷ୍ୟତବାଣୀ ବୋଲି ବିବେଚିତ କରିଛି । ଏହି କାହାଣୀ ସମ୍ବଳିତ ଭବିଷ୍ୟତବାଣୀ ମଧ୍ୟ ଅତ୍ୟନ୍ତ ସୁଗମତାର ସହିତ ପୂର୍ଣ୍ଣ ହୋଇଛି । ଅତଃ ପବିତ୍ର କୁରଆନ୍ କରୀମ୍‌ର ଗୂଢତତ୍ତ୍ୱ ବାସ୍ତବତାର ଏକ ଚିରସ୍ରୋତା ନଦୀ ଏବଂ ଭବିଷ୍ୟବାଣୀର ଏକ ସମୁଦ୍ର ସଦୃଶ ଅଟେ । କୌଣସି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ବାଦ୍ ଦେଇ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିପାରିବ ନାହିଁ । ଏହି ବିଶେଷତା କେବଳ ପବିତ୍ର କୁରଆନ୍ କରୀମ୍‌ରେ ହିଁ ନିହିତ ରହିଛି । ଅର୍ଥାତ ଈଶ୍ୱର ଏବଂ ଭକ୍ତ ମଧ୍ୟରେ ଥିବା ପରଦା ଦୂରୀଭୂତ ହୋଇଯାଇଥାଏ । ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ଧର୍ମରେ ବର୍ଣ୍ଣିତ ଘଟଣାବଳୀକୁ ଗଳ୍ପ ରୂପେ ଉଚ୍ଚାରଣ କରିଥାଏ (ଅର୍ଥାତ ଅଧ୍ୟୟନ କରିଥାଏ) । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସେହି ପ୍ରିୟ ଈଶ୍ୱରଙ୍କ ମୁଖର ଦର୍ଶନ କରାଇଥାଏ ଏବଂ ପ୍ରଭୁ ବିଶ୍ୱାସର ଆଲୋକ ମନୁଷ୍ୟ ହୃଦୟରେ ପ୍ରବିଷ୍ଟ କରି ଦେଇଥାଆନ୍ତି । ଯେଉଁ ଈଶ୍ୱର ସମସ୍ତ ସଂସାରବାସୀଙ୍କ ଦୃଷ୍ଟିରୁ ଲୁକ୍କାୟିତ ଅଟନ୍ତି ସେହି ଈଶ୍ୱର କେବଳ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ହିଁ ଦୃଶ୍ୟମାନ ହୋଇଥାଆନ୍ତି । କିନ୍ତୁ ସର୍ତ୍ତ ଏହିକିଯେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରାଯାଉ **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-271-222)**

ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର ଦୁଇଟି ଅଂଶ ରହିଛି । **ପ୍ରଥମଟି** ଘଟଣାବଳୀ ସମ୍ବଳିତ ଏବଂ **ଦ୍ୱିତୀୟଟି** ଆଦେଶାବଳୀ ସମ୍ବଳିତ । ପବିତ୍ର କୁରଆନ୍ କରୀମ୍ କେତେକ କଥା ଏବଂ ପ୍ରସଙ୍ଗକୁ ଗଳ୍ପ ତଥା ଘଟଣାବଳୀ ଆକାରରେ ଉପସ୍ଥାପିତ କରୁଥିବା ବେଳେ ଅନ୍ୟ କେତେକ ଆଦେଶାବଳୀକୁ ମାର୍ଗଦର୍ଶକ ରୂପେ ଉପସ୍ଥାପିତ କରିଛି । ଯେଉଁ ଲୋକମାନେ ଉଭୟ ମଧ୍ୟରେ ପାର୍ଥକ୍ୟ କରିପାରନ୍ତି ନାହିଁ ସେମାନେ ପବିତ୍ର କୁରଆନ୍ କରୀମ୍‌ରେ ବିଭିନ୍ନତା, ମତପାର୍ଥକ୍ୟତା ସାବ୍ୟସ୍ତ କରିବା ଫଳରେ ବିରୋଧୀ ସାଜନ୍ତି ଏବଂ ମତପାର୍ଥକ୍ୟ ତଥା ବିଭେଦକାରୀର ପ୍ରମୁଖ କାରଣ ସାଜନ୍ତି । ଅର୍ଥାତ ନିଜର ବ୍ୟବହାରିକ କାର୍ଯ୍ୟରେ ପ୍ରତ୍ୟାଖ୍ୟାନ କରିବା ଯୋଗୁଁ ସେମାନେ ପବିତ୍ର କୁରଆନ୍ କରୀମ୍‌କୁ ହରାଇ ବସନ୍ତି । କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ସଂପର୍କରେ ପବିତ୍ର କୁରଆନ୍‌ରେ ହିଁ କୁହନ୍ତି, وَلَوْ كَانَ مِنْ عِنْدِ غَيْرِ اللّٰهِ لَوَجَدُوْا فِيْهِ اخْتِلَافًا كَثِيْرًا ଅର୍ଥାତ ଯଦି ଅବିଶ୍ୱାସକାରୀ ଏବଂ କପଟବିଶ୍ୱାସୀ ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ଦେବତାଙ୍କ ପକ୍ଷରୁ ହୋଇ ଥାଆନ୍ତା ତେବେ ତହିଁରେ ଅବଶ୍ୟ ବିଭେଦତା ଦେଖିବାକୁ ମିଳି ଥାଆନ୍ତା ଏବଂ ସଂଶୟ ଉତ୍ପନ୍ନ ହୋଇ ଥାଆନ୍ତା । ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ରେ କୌଣସି ବିଭେଦତା ବା ପାର୍ଥକ୍ୟ ନାହିଁ । ତାହା ପାର୍ଥକ୍ୟ ରହିତ ଏବଂ ବିଭେଦ ରହିତ ବାଣୀ ଅଟେ । ତେଣୁ ପବିତ୍ର କୁରଆନ୍ କରୀମ୍‌ର ପାର୍ଥକ୍ୟ ବିହୀନ ବା ବିଭେଦ ରହିତ ହେବା ହିଁ ଅଲ୍ଲାଃତାଲାଙ୍କ ପକ୍ଷରୁ ଅବତୀର୍ଣ୍ଣ ହୋଇଥିବା ବଳିଷ୍ଠ ପ୍ରମାଣ ଅଟେ । ସୁତରାଂ ପବିତ୍ର କୁରଆନ୍ କରୀମ୍‌ରେ କୌଣସି ସଂଶୟ ନାହିଁ କି ପାର୍ଥକ୍ୟ ନାହିଁ । ଏହା ପ୍ରଭୁଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ବାଣୀ । କିନ୍ତୁ ଅପରିଣାମଦର୍ଶୀ ବ୍ୟକ୍ତିମାନେ ଘଟଣାବଳୀ ଏବଂ ଆଦେଶାବଳୀ ମଧ୍ୟରେ ପାର୍ଥକ୍ୟ କରି ନପାରିବା ଯୋଗୁଁ ତହିଁରେ ମତାନ୍ତର ସୃଷ୍ଟି କରି ଏହାକୁ مِنْ عِنْدِ غَيْرِ اللّٰهِ ବୋଲି ବିବେଚନା କରନ୍ତି । ସେମାନଙ୍କ ଏହି ପ୍ରକାରର ବୁଦ୍ଧି ଓ ମନ୍ତବ୍ୟକୁ ଦେଖି ବଡ଼ କଷ୍ଟ ଓ ଦୁଃଖ ଅନୁଭୂତ ହୁଏ । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃ- 83, ସଂସ୍କରଣ ବର୍ଷ 1984 ମସିହା)**

ଯେପିରିକି ବର୍ଣ୍ଣିତ ହୋଇଛି ଯେ, ଘଟଣାବଳୀଗୁଡ଼ିକ ଭବିଷ୍ୟତବାଣୀର ଆଖ୍ୟା ଅଟନ୍ତି ଏବଂ ଆଦେଶାବଳୀଗୁଡ଼ିକ ମାର୍ଗଦର୍ଶକ ଅଟନ୍ତି । ଏଗୁଡ଼ିକୁ ମିଶାଇ ଯଦି କେତେକ ଲୋକ ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାକୁ ଚେଷ୍ଟା କରନ୍ତି ତେବେ ସେମାନେ ଭ୍ରମର ଶିକାର ଅବଶ୍ୟ ହେବେ । ସେମାନଙ୍କ ନିକଟରେ ସେହି ବୁଦ୍ଧିମତା ତଥା ବିଦ୍ୱତା ତ' ନାହିଁ ଏବଂ ଏହାକୁ ସ୍ୱୟଂ ହୃଦୟଙ୍ଗମ କରିବା ପରିବର୍ତ୍ତେ ଏହି ଐଶୀବାଣୀମୂଳକ ଗ୍ରନ୍ଥ ଉପରେ ଅକାରଣରେ ଦୋଷାରୋପ କରି ଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ସର୍ବୋଚ୍ଚ ବିଶିଷ୍ଟ ସୁଗୁଣାବଳୀର ଚର୍ଚ୍ଚା କରି କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ସର୍ବୋଚ୍ଚ ବିଶିଷ୍ଟ ସୁଗୁଣାବଳୀ ହେଉଛି ତାହାର ସତ୍‌ଶିକ୍ଷା । କାରଣ ପବିତ୍ର କୁରଆନ୍ କରୀମ୍ ମାନବିକ ସ୍ୱଭାବ ସୁଲଭ ଗୁଣାବଳୀ ଏବଂ ଚାରିତ୍ରିକ ସଂଶୋଧନ ତଥା ଶୃଙ୍ଖଳା ଜ୍ଞାନ ଅନୁଯାୟୀ ଆଧାରିତ । ଉଦାହରଣ ସ୍ୱରୂପ ତୌରାତ୍‌ରେ ଏହି ଶିକ୍ଷା ରହିଛି ଯେ, ଦାନ୍ତ ବଦଳରେ ଦାନ୍ତ ଏବଂ ଆଖି ବଦଳରେ ଆଖି । ଏହାର ବିପରୀତ ଇଞ୍ଜିଲ୍ ଏହି କଥା କହେ ଅର୍ଥାତ ଶିକ୍ଷା ପ୍ରଦାନ କରେ ଯେ, ଅପରାଧୀର କଦାପି ମୁକାବିଲା କର ନାହିଁ । ବରଂ ଯଦି କୌଣସି ବ୍ୟକ୍ତି ତୁମର ଗୋଟିଏ ଗାଲ (ଡାହାଣ)ରେ ଚାପୁଡ଼ା ମାରେ ତେବେ ତୁମେ ତା'କୁ ଆର (ବାମ)ଗାଲ ଦେଖାଇ ଦିଅ । କିନ୍ତୁ ପବିତ୍ର କୁରଆନ କରୀମ୍ ଏହା କୁହେ ଯେ, । جَزَاءُ سَيِّئَةٍ سَيِّئَةٌ مِّثْلُهَا فَمَنْ عَفَا وَ اَصْلَحَ فَاَجْرُهٗ عَلَى اللّٰهِ ଅର୍ଥାତ ଯଦି ଜଣେ ବ୍ୟକ୍ତି ତୁମ ପ୍ରତି କୌଣସି ଅନ୍ୟାୟ, ପାପ ବା ଅପରାଧ କରେ ତେବେ ତାହାର ଶାସ୍ତି କେବଳ ସେତିକି ହିଁ ହେବା ଉଚିତ ଯେତିକି ପାପ ବା ଅପରାଧ ସେ ତୁମ ପ୍ରତି କରିଛି । କିନ୍ତୁ ଯେଉଁ ବ୍ୟକ୍ତି ଦୋଷୀ ପ୍ରତି ଦୟା ଓ କ୍ଷମାମୂଳକ ଆଚରଣ ପ୍ରଦର୍ଶନ କରି ଦୋଷୀର ଚାରିତ୍ରିକ ସଂଶୋଧନ ତଥା ସଂସ୍କାରକୁ ଦୃଷ୍ଟିରୁ ରଖି ଅର୍ଥାତ ଭବିଷ୍ୟତରେ କାଳେ ଦୋଷୀଟି ସଧୁରିଯିବ ଏବଂ ତା'ର ଚାରିତ୍ରକ ସଂଶୋଧନକୁ ଦୃଷ୍ଟିରେ ରଖି ତା'କୁ କ୍ଷମାଦାନ କରିଦିଏ ତେବେ ତାହାର ପ୍ରତିଫଳ ଅଲ୍ଲାଃତାଲା ଅବଶ୍ୟ ସେହି କ୍ଷମା ପ୍ରଦାନକାରୀ ବ୍ୟକ୍ତିକୁ ପ୍ରଦାନ କରିବେ । ଅନ୍ୟଥା ଯଦି ତା' (ଦୋଷୀ)ନିମନ୍ତେ ଦଣ୍ଡ ବିଧାନ ଉଚିତ୍ ବୋଲି ମନେକରେ ତେବେ ସେପରିପ୍ରେକ୍ଷୀରେ ସେ ଦୋଷୀକୁ ଅବଶ୍ୟ ସେତିକି ହିଁ ଦଣ୍ଡ ଦେବ ଯେତିକି ଦୋଷୀ ତା' ଉପରେ ଅତ୍ୟାଚାର କରିଛି । ପବିତ୍ର କୁରଆନ୍‌ର ଏହିଭଳି କହିବାର ଉଦ୍ଦେଶ୍ୟ ହେଲା ଯେ, ମନୁଷ୍ୟର ସ୍ୱଭାବ ଭିନ୍ନ ଭିନ୍ନ ଅଟେ । କେତେକ ସ୍ୱଭାବ ଏପରି ଅଟେ ଯେ, ଯଦି କ୍ଷମାଦାନକାରୀ ବ୍ୟକ୍ତି ଦୋଷୀକୁ କ୍ଷମା ଦେଇ ଦିଏ ତେବେ ସେହି ଦୋଷୀ ଜଣକ କ୍ଷମା ଦାନ ଯୋଗୁଁ ପ୍ରଭାବିତ ହୋଇ ଅପରାଧ ଏବଂ ପାପ କରିବାକୁ ମନ ବଳାଏ ନାହିଁ । ତହିଁରୁ ସେ ନିବୃତ୍ତ ହୋଇଯାଏ । ସେହିପରି କେତେକ ଅପରାଧୀ ଏବଂ ଦୋଷୀ ଏପରି ମଧ୍ୟ ଥାଆନ୍ତି ଯେଉଁମାନେ କାରାବରଣ ଦଣ୍ଡ ଭୋଗିବା ପରେ ମଧ୍ୟ ପୂର୍ବ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ପରି ସେହି ଅପରାଧ କରିଥାଆନ୍ତି । ଅତଏବ୍ ମନୁଷ୍ୟର ସ୍ୱଭାବ ଯେହେତୁ ଭିନ୍ନ ଭିନ୍ନ ରହିଛି ତେଣୁ ଯେଉଁ ଶିକ୍ଷାକୁ ପବିତ୍ର କୁରଆନ୍ କରୀମ୍ ଉପସ୍ଥାପିତ କରିଛି ସେହି ଶିକ୍ଷା ହିଁ ସେହି ଦୋଷୀମାନଙ୍କ ସ୍ୱଭାବ ଅନୁଯାୟୀ ଯଥୋଚିତ ଅଟେ । ତୌରାତ୍ ଏବଂ ଇଞ୍ଜିଲ୍‌ର ଶିକ୍ଷା କଦାପି ସଂପୂର୍ଣ୍ଣ ହୋଇ ପାରିବ ନାହିଁ । ବରଂ ସେହି ଶିକ୍ଷା ମାନବିକ ରୂପ ବୃକ୍ଷର ଶାଖାମାନଙ୍କ ମଧ୍ୟରୁ କେବଳ ଗୋଟିଏ ଶାଖା ସହିତ ଜଡ଼ିତ ଏବଂ ସଂଶ୍ଳିଷ୍ଟ ଅଟେ । କିନ୍ତୁ ଇଞ୍ଜିଲ୍ ଓ ତୌରାତ୍‌ର ଶିକ୍ଷା ସେହି ନିୟମ ସହିତ ସାଦୃଶ୍ୟ ଓ ସମାଞ୍ଜସ୍ୟ ଅଟନ୍ତି ଯାହାକି ସୀମିତ ଜାତି ଏବଂ ସୀମିତ ଭୌଗୋଳିକ ଅଞ୍ଚଳବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ସମସ୍ତ ମାନବିକ ସ୍ୱଭାବ ସୁଲଭକୁ ସମ୍ମାନ ଜଣାଇଥାଏ ।

ମୁଁ ଏହି ଉଦାହରଣ ପୂର୍ବେ ଖୁତ୍‌ବାରେ ବର୍ଣ୍ଣନା କରିଥିଲି, କିନ୍ତୁ ଏହାର ଅନ୍ୟ ଏକ ପକ୍ଷ ମଧ୍ୟ ରହିଥିଲା । ତେଣୁ ବର୍ତ୍ତମାନ ବିଶିଷ୍ଟ ଗୁଣାବଳୀ ଦୃଷ୍ଟିରୁ ତତ୍‌ସଂକ୍ରାନ୍ତରେ କେତେକ ଉଦାହରଣ ଉପସ୍ଥାପିତ କରି ଦେଉଛି । ଆପଣ ଅ.ସ କୁହନ୍ତି, ଇଞ୍ଜିଲ୍ ଧର୍ମଗ୍ରନ୍ଥର ଏହି ଆଦେଶ ରହିଛି ଯେ, ତୁମେ ଅନ୍ୟ ମହିଳାକୁ କାମନା ଦୃଷ୍ଟିରେ ଚାହଁ ନାହଁ । କିନ୍ତୁ ପବିତ୍ର କୁରଆନ୍ କରୀମ୍ କୁହେ ଯେ, ତୁମେ ଅନ୍ୟ ମହିଳା ଆଡ଼କୁ ମୋଟେ ଚାହଁ ନାହିଁ । ନା କାମନା ଦୃଷ୍ଟିରେ ଦେଖ ଓ ନା ହିଁ କାମନା ରହିତ ଦୃଷ୍ଟିରେ ଚାହଁ । କାରଣ ଏହିପରି କାମନା ଜନିତ ଏବଂ କାମନା ରହିତ ଦୃଷ୍ଟିରେ ଚାହିଁବା ଫଳରେ କେଉଁଠି ନା କେଉଁଠି ମନୁଷ୍ୟ ଝୁଣ୍ଟି ପଡ଼ିବ ଏବଂ ମାର୍ଗଚ୍ୟୁତ ହୋଇଯିବ ବା ଚାରିତ୍ରିକ ସ୍ଖଳନ ଘଟିଥାଏ । କେତେକ ବ୍ୟକ୍ତି କୁହନ୍ତି ଆମେ ପରା ସେହି ମହିଳାକୁ ପବିତ୍ର ଦୃଷ୍ଟିରୁ ଦେଖୁଛୁ । କିନ୍ତୁ ପବିତ୍ର କୁରଆନ୍ ଏହା କୁହେ ଯେ, ପବିତ୍ର ଦୃଷ୍ଟିରେ ଚାହଁ ନାହଁ କି ଅପବିତ୍ର ଦୃଷ୍ଟିରେ ମଧ୍ୟ ଚାହଁ ନାହିଁ। କାରଣ ଏପରି କରିବା ପବିତ୍ର ଏବଂ ଅପବିତ୍ର ଅର୍ଥାତ କାମନା ଦୃଷ୍ଟିରେ ମହିଳା ଆଡ଼କୁ ଚାହିଁବା ଫଳରେ ମନୁଷ୍ୟ ନା କେବଳ ମାର୍ଗଚ୍ୟୁତ ହୋଇଥାଏ ବରଂ ତା'ର ଚାରିତ୍ରିକ ସ୍ଖଳନର କାରଣ ହୋଇଥାଏ । ବରଂ ଆବଶ୍ୟକ ସ୍ଥଳରେ ଆଖି ଖୋଲା ରଖି ମହିଳା ଆଡ଼କୁ ଚାହଁ ନାହଁ କି ଆଖି ଢେମା ଢେମା କରି ତା ଆଡ଼କୁ ଚାହଁ ନାହଁ । ଯଦି ଆବଶ୍ୟକ ବି ପଡ଼େ ତେବେ ଅର୍ଦ୍ଧ ଉନ୍ମୁକ୍ତ ଚକ୍ଷୁରେ ଦେଖ । କାରଣ ସେହି ମହିଳା ତୁମକୁ ସଂପୂର୍ଣ୍ଣ ରୂପେ ଯେପରି ଦୃଶ୍ୟମାନ ହେଉ ନଥିବ । ତେଣୁ ବଡ଼ ବଡ଼ ଆଖି କରି ମହିଳା ଆଡ଼କୁ ଚାହଁ ନାହିଁ । ଇଞ୍ଜିଲ୍ କୁହେ ଯେ, ନିଜର ପତ୍ନୀକୁ ବେଶ୍ୟା ହେବା ବ୍ୟତୀତ ଛାଡ଼ପତ୍ର ଦିଅ ନାହିଁ। କିନ୍ତୁ ଏହାର ବିପରୀତ ପବିତ୍ର କୁରଆନ୍ କୁହେ ଯେ, ତୁମେ ନିଜର ପତ୍ନୀକୁ ଛାଡ଼ପତ୍ର ଦିଅ ନାହିଁ। ବରଂ ତହିଁରେ ଏହି ସଂସ୍କାର ତଥା ଚାରିତ୍ରିକ ସଂଶୋଧନକୁ ଗୁରୁତ୍ୱ ଦିଆଯାଇଛି ଯେ, ଛାଡ଼ପତ୍ର କେବଳ ବେଶ୍ୟା ହେଲେ ଦିଆଯିବ ନାହିଁ ବରଂ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯଦି ପାରସ୍ପାରିକ ବୁଝାମଣା ନରହି ଶତ୍ରୁତା ଭଳି ସମସ୍ୟା ଉତ୍ପନ୍ନ ହୁଏ ଏବଂ ଦୁହିଁଙ୍କ ମଧ୍ୟରେ ପାରସ୍ପାରିକ ପ୍ରେମ ସଂପର୍କ ଯଦି ନରୁହେ, ଏକତା ନରହେ । ଯଦିଓ ତା'ର ସ୍ତ୍ରୀ ଚରିତ୍ରହୀନା ତ' ନାହିଁ କିନ୍ତୁ ଚରିତ୍ରହୀନାର କର୍ମ ତା' ଦ୍ୱାରା ସମ୍ପାଦିତ ହୋଇଥାଏ ଏବଂ ସ୍ୱାମୀକୁ ଛାଡ଼ି ପରପୁରୁଷ ଏବଂ ପରକୀୟା ପ୍ରୀତି ଅସକ୍ତ । ତେବେ ସେପରିପ୍ରେକ୍ଷୀରେ ସ୍ୱାମୀର ରାଏକୁ ହିଁ ଅଗ୍ରାଧିକାର ଦିଆଯିବ, ଯଦି ଉକ୍ତ ଚରିତ୍ରହୀନା ସ୍ତ୍ରୀର ସ୍ୱାମୀ ଚାହିଁବ ତେବେ ସେ ନିଜର ପତ୍ନୀକୁ ନିଜ ପାଖରେ ରଖି ପାରିବ । ଆଉ ଯଦି ସେ ତା'କୁ ଛାଡ଼ିଦେବାକୁ ଉଚିତ ବୋଲି ମନେକରେ ତେବେ ସେପରିପ୍ରେକ୍ଷୀରେ ତା'କୁ ଛାଡ଼ପତ୍ର ଦେଇଦେଉ । ପବିତ୍ର କୁରଆନ୍ କରୀମ୍ କେବଳ କୋମଳ ହୋଇ ଏହି ତାଗିଦ୍ କରି ନାହିଁ ଯେ, ଛାଡ଼ପତ୍ର ଦେଇ ଦିଅ । ବରଂ ଜୋର୍ ଦେଇ ପବିତ୍ର କୁରଆନ୍ କହିଛି ଯେ, ସ୍ୱାମୀ ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେବାରେ କେବେ ଶୀଘ୍ରତା ପ୍ରଦର୍ଶନ ନକରୁ । ଅତଏବ୍ ଏଠାରେ ସେହି ପ୍ରଶ୍ନର ଉତ୍ତର ମଧ୍ୟ ମିଳିଗଲା ଯେ, ସ୍ୱାମୀକୁ ଛାଡ଼ପତ୍ର ଦେବାର ସଂପୂର୍ଣ୍ଣ ଅଧିକାର ପ୍ରାପ୍ତ ହୋଇଯାଇଛି ତା' ନୁହେଁ । ବରଂ କେତେକ ବ୍ୟକ୍ତିଙ୍କର ଏହି ଚିନ୍ତାଧାରା ତଥା ମାନସିକତା ମଧ୍ୟ ରହିଛି ଯେ, ଛାଡ଼ପତ୍ର ଦେବାର ଯେଉଁ ଧର୍ମ ବୈଧାନିକ ଆଦେଶ ରହିଛି ତାହାକୁ ସେମାନେ ପ୍ରୟୋଗ କରି ନିଅନ୍ତି ଏବଂ ଅତ୍ୟାଚାର ମଧ୍ୟ କରି ଥାଆନ୍ତି । ତେଣୁ ଏହିପରି ପରିସ୍ଥିତିରେ ପବିତ୍ର କୁରଆନ୍ କରୀମ ଅନୁଯାୟୀ ବିନା କୌଣସି ଉଚିତ୍ କାରଣରେ ନିଜର ପତ୍ନୀକୁ ଛାଡ଼ପତ୍ର ଦେବା ଅନୁଚିତ ଅଟେ । କିନ୍ତୁ ତହିଁରେ ଏହି ଆଦେଶ ନିହିତ ରହିଛି ଯେ, ତୁମେ ଏହି ଚେଷ୍ଟା କର ଯେ, ତୁମେ ନିଜର ପତ୍ନୀକୁ ଛାଡ଼ପତ୍ର ଦିଅ ନାହିଁ । ଆପଣ ଅ.ସ କୁହନ୍ତି ଯେ, ବର୍ତ୍ତମାନ ତହିଁରୁ ସ୍ପଷ୍ଟ ଯେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ସମୟାନୁପଯୋଗୀ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅବତୀର୍ଣ୍ଣ ହୋଇଛି । ସେହି ଆଦେଶାବଳୀକୁ ପରିତ୍ୟାଗ କରିବା ଫଳରେ କେଉଁଠି ନା କେଉଁଠି ସମସ୍ୟା ଅବଶ୍ୟ ସୃଷ୍ଟି ହୋଇଥାଏ ଓ ନାନା ସମସ୍ୟା ତଥା ଅସୁବିଧାର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିଥାଏ । ଏହି କାରଣରୁ କେତେକ ଇଉରୋପୀୟ ଦେଶମାନଙ୍କରେ ସରକାରମାନଙ୍କୁ ସଠିକ୍ ଛାଡ଼ପତ୍ର ଦେବାର ଆଇନ ପ୍ରଣୟନ କରିବାକୁ ପଡ଼ିଲା।

**(ଚଶ୍ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-413-414)**

ବର୍ତ୍ତମାନ ଆଇନ୍‌ରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଛାଡ଼ପତ୍ର ଦେବାର ଉଚିତ୍ କାରଣ କ'ଣ ? ଏହିଭଳି ଅନେକ ମାମଲା ସଂକ୍ରାନ୍ତରେ ନ୍ୟାୟାଳୟରେ ଓକିଲ୍ ଏବଂ ବିଚାରପତିମାନେ ମଧ୍ୟ ପ୍ରଶ୍ନ କରିଥାଆନ୍ତି ଯେ, କ'ଣ ପାଇଁ ଓ କାହିଁକି ଛାଡ଼ପତ୍ର ଦିଆଯାଉଛି ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କାହିଁକି ପୃଥକତା ସୃଷ୍ଟି ହେଉଛି ଓ ମନୋମାଳିନ୍ୟ ଘଟିଛି ? ତେଣୁ ଏଥିପାଇଁ ପ୍ରମାଣ ଦେବାକୁ ପଡୁଛି । ସେ ଯାହା ହେଉ ନା କାହିଁକି ଛାଡ଼ପତ୍ର ସହଜରେ ହୋଇଯାଇ ନଥାଏ। ଫଳତଃ ସେହି ଇଉରୋପୀୟ ଦେଶମାନଙ୍କୁ ନିଜର ଛାଡ଼ପତ୍ର ଆଇନ ପ୍ରଣୟନ କରିବାକୁ ପଡ଼ିଲା । ସାଂସାରିକ ଆଇନ ପ୍ରଣୟନ ହୁଏ ଏବଂ ପୁଣି ଭାଙ୍ଗିଯାଏ । ତେଣୁ ଏହି ଆଇନ୍‌ରେ ଅତିରିକ୍ତ ଉତ୍ତମତା ଏବଂ ସୁଗମତା, ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ କରାଯାଇଥାଏ । ତଥାପି ସେମାନଙ୍କ ଆଇନରେ କୌଣସି ନା କୌଣସି ତ୍ରୁଟି ରହିଯାଇଥାଏ । କିନ୍ତୁ ଅଲ୍ଲାଃତାଲାଙ୍କର ଆଇନ୍ ଏପରି ଅଟେ ଯେପରିକି ତାହା ସଠିକ୍ ସ୍ୱଭାବ ସୁଲଭ ଏବଂ ସ୍ୱଭାବ ଅନୁଯାୟୀ ହିଁ ଅବତୀର୍ଣ୍ଣ ହୋଇଛି । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ମୁଁ ଏଠାରେ ପୁନଃ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଛାଡ଼ପତ୍ର ଦେବାର ଅଧିକାର କେବଳ ପୁରୁଷମାନଙ୍କର ନାହିଁ ବରଂ ନାରୀମାନେ ମଧ୍ୟ ନିଜର ପସନ୍ଦ ନାପସନ୍ଦ ଅବା ଅନ୍ୟ ଯେକୌଣସି କାରଣ ଯୋଗୁଁ ଖୁଲା ନେଇପାରିବ । ଯଦି ସ୍ୱାମୀ ବା ପୁରୁଷ ଦୋଷୀ ସାବ୍ୟସ୍ତ ହୁଏ ଏବଂ ସ୍ତ୍ରୀ ଉପରେ ଅନ୍ୟାୟ ଅତ୍ୟାଚାର କରେ । ତାହା ଯଦି ପ୍ରମାଣିତ ହୋଇଯାଏ ଯେ, ସ୍ୱାମୀ ନିଜର ସ୍ତ୍ରୀ ଉପରେ ଅକାରଣରେ ଅତ୍ୟାଚାର ଏବଂ ଅନ୍ୟାୟ କରୁଛି ତେବେ ଏହା ଭାବିବା ଯେ ଛାଡ଼ପତ୍ର ଦେବା କେବଳ ପୁରୁଷମାନଙ୍କର ଅଧିକାର ନୁହେଁ, ଏହା ଆଦୌ ସଠିକ୍ ନୁହେଁ । ହକ୍ ମେହେର୍ ସଂକ୍ରାନ୍ତରେ ଏହା କୁହାଯାଇଛି ଯଦି ମହିଳା ନିଜ ଆଡ଼ି ଖୁଲା ପ୍ରାପ୍ତ କରିନିଏ ତେବେ ପୁରୁଷ ବା ସ୍ୱାମୀକୁ ସ୍ତ୍ରୀର ସମସ୍ତ ହକ୍ ମେହେରେ ଦେବାକୁ ପଡ଼ିବ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ତତ୍‌ସଂକ୍ରାନ୍ତୀୟ ବିଷୟର ଚର୍ଚ୍ଚା ମଧ୍ୟ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା ହୋଇଯିବ । ଖୁତ୍‌ବା ଅନ୍ତେ ହୁଜୁର ଅନଓ୍ୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ପବିତ୍ର କୁରଆନ୍ କରୀମ୍‌ର ଏହି ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ** ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ..........

ମାର୍ଗ କିଛି ଦୂର ଯାଇ ବନ୍ଦ (ଶେଷ) ହୋଇଯାଉଥିଲା । ଏହାର ଏହି ଲାଭ ଥିଲା ଯେ, ଖ୍ରୀଷ୍ଟିଆନମାନେ ମାର୍ଗ ସହିତ ପରିଚିତ ଓ ଅବଗତ ଥିବା ହେତୁ ତୁରନ୍ତ ପରବର୍ତ୍ତୀ କୋଠରୀ ଆଡ଼କୁ ଧାଇଁ ଯାଉଥିଲେ । କିନ୍ତୁ ପିଛା କରୁଥିବା ବ୍ୟକ୍ତି ଭୁଲ ବାଟ ଆଡ଼କୁ ଚାଲି ଯାଉଥିଲା ଏବଂ ଆଗକୁ ମାର୍ଗ ବନ୍ଦ ଥିବା ଦେଖି ପୁନଶ୍ଚ ଅନ୍ୟ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍ୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ମାର୍ଗ ଦେଇ ଲେଉଟୁଥିଲା । ଏହିପରି ବାରମ୍ବାର ଭୁଲ୍ ମାର୍ଗରେ ଯିବା ଦ୍ୱାରା ପଳାୟନ କରିଥିବା ଖ୍ରୀଷ୍ଟିଆନମାନଙ୍କ ଠାରୁ ବହୁ ପଛରେ ରହିଯାଉଥିଲେ। ପ୍ରଥମତଃ ଏହି ପିଛା କରିବା ହିଁ ପୋଲିସର ଚିନ୍ତା ବଢାଇ ଦେଉଥିଲା । କିନ୍ତୁ ଯଦିଚ ସେମାନଙ୍କର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପିଛା କରି ନିଯାଉଥିଲା **(4)**ଖ୍ରୀଷ୍ଟିଆନମାନେ ଦ୍ୱିତୀୟ ମହଲାକୁ ଚାଲି ଯାଉଥିଲେ ଯାହାକି ପୂର୍ବ କୋଠରୀ ଅପେକ୍ଷା ଅଧିକ ସଂକୀର୍ଣ୍ଣ ଏବଂ ଘନ ଅନ୍ଧକାରମୟ ଓ ଅଧିକ ଜଟିଳ ଥିଲା । ମନେକରାଯାଉ ଯଦିବି ଏହି ପର୍ଯ୍ୟନ୍ତ ସେମାନଙ୍କ ପିଛା କରିନିଆଯାଉଥିଲା ତେବେ **(5)**ଏହାଠୁ ନିମ୍ନରେ ଗୁପ୍ତ କୋଠରୀଗୁଡ଼ିକ ବିଦ୍ୟାମାନ ଥିଲା । ଯହିଁରେ ଆମେମାନେ ଦୁଇ ଚାରି ମିନିଟ୍ ମଧ ରହି ପାରିଲୁ ନାହିଁ । ଏହାର ଏକ କାରଣ ଏହା ମଧ ଥିଲା ଯେ, ବର୍ତ୍ତମାନ ସେମାନେ ତଳେ ପଡ଼ି ଓଦା ହୋଇଯାଇଛନ୍ତି । କିନ୍ତୁ ସେ ଯାହା ହେଉ ନା କାହିଁକି ସେହି ଭୟଙ୍କର ସ୍ଥାନ ବର୍ତ୍ତମାନ ମଧ ରହିଛି ଯେଉଁଠି ପ୍ରାୟତଃ କେବଳ ପିଛା କରିବା ସମୟରେ କିଛି ସମୟ ପାଇଁ ଖ୍ରୀଷ୍ଟିଆନମାନେ ଆଶ୍ରୟ ନେଉଥିଲେ । ସୁତରାଂ ମାର୍ଗର ଦୀର୍ଘତା ଅନେକ ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ । ପ୍ରକାଶ୍ୟ ରୂପେ ସେହି ସ୍ଥାନମାନଙ୍କରେ ଖ୍ରୀଷ୍ଟିଆନମାନଙ୍କୁ ଧରିବା ସହଜ କାର୍ଯ୍ୟ ନଥିଲା । କିନ୍ତୁ ସରକାର ତ' ସରକାର ଅଟନ୍ତି । ଅନେକ ଥର ପୋଲିସ୍ ସେମାନଙ୍କୁ ଧରି ପକାଉଥିଲା ଏବଂ ସେହିଠାରେ ହିଁ ସେମାନଙ୍କୁ ହତ୍ୟା କରି ଦିଆଯାଉଥିଲା । ମୁଁ ସେଠାରେ ଶୋହଦାମାନଙ୍କର ଏପରି ଅନେକ କବର ଦେଖିଛି । କେତେକ କବରରେ ଥିବା ଫଳକ ସଂକ୍ରାନ୍ତରେ ମୁଁ ପାଦ୍ରୀଙ୍କ ଦ୍ୱାରା ପାଠ କରାଇଥିଲି । ତହିଁରୁ ଏହା ଜ୍ଞାତ ହେଲା ଯେ, ସେହି ଖ୍ରୀଷ୍ଟିଆନ୍‌ମାନଙ୍କର ଏପରି କଷ୍ଟଦାୟକ ଘଟଣାବଳୀ ବର୍ଣ୍ଣନା କରାଯାଇଛି ଯାହାକି ଶାହାଦତ୍ ସମୟରେ ସେମାନଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିଲା । କିଛି କାଳ ପୂର୍ବେ ଯେଉଁ ନୂତନ କବରଗୁଡ଼ିକ ଓ ଫଳକ ଆବିଷ୍କୃତ ହୋଇଛି ତନ୍ମଧ୍ୟରେ ସେହି ଲୋକମାନଙ୍କର କବର ମଧ ମିଳିଛି (ଆବିଷ୍କୃତ ହୋଇଛି) ଯେଉଁମାନଙ୍କ ନିକଟରେ ପିତ୍ରସ୍ ରହୁଥିଲେ କିମ୍ବା ଯାହାଙ୍କର ବାଇବେଲ୍‌ରେ ଚର୍ଚ୍ଚା ରହିଛି । **(ଇନସାଇକ୍ଲୋ ପିଡ଼ିଆ ବ୍ରିଟାନିକା, କ୍ୟାଟାକୋମ୍ବସ୍ ଶବ୍ଦାନୁଯାୟୀ)**

ସମ୍ରାଟ୍ ଡ଼ସିସ୍ ସମୟରେ ଏହି ଆଇନ୍ ପ୍ରଣିତ ହୋଇଥିଲା ଯେ, ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରତିମାଗୁଡ଼ିକୁ (ବଡ଼ ବଡ଼ ବିଦ୍ୱାନ ପଣ୍ଡିତ ଗଣ) ସିଜ୍‌ଦା କରିବା ପାଇଁ ବାଧ କରାଯାଉ ଏବଂ ଅତ୍ୟନ୍ତ କ୍ରୁରତାର ସହିତ ସେମାନଙ୍କୁ ହତ୍ୟା କରାଯାଉଥିଲା । ସୁତରାଂ ସେହି କାଳକୁ ଖ୍ରୀଷ୍ଟିଆନ୍‌ମାନେ କ୍ୟାଟାକମ୍ବସ ଠାରେ ଅତିବାହିତ କରିଥିଲେ । କିନ୍ତୁ ଅନ୍ୟ କେତେକ ଖ୍ରୀଷ୍ଟିଆନ୍‌ମାନେ ପ୍ରକାଶ୍ୟ ରୂପେ ବିଦାୟ ଜଣାଇ ଦେଇଥିଲେ । ତେଣୁ ସେହି କାଳରେ କହଫ୍‌ବାସୀ ଅତ୍ୟନ୍ତ ଭବ୍ୟ ଦୃଷ୍ଟାନ୍ତମୂଳକ ବଳିଦାନ ଉପସ୍ଥାପିତ କରିଥିଲେ ।

କ୍ୟାଟାକମ୍ବସ୍‌ରେ ଯେଉଁ ଫଳକଗୁଡ଼ିକ ଲାଗିଛି ତହିଁରୁ ଏହା ଜ୍ଞାତ ହୁଏ ଯେ. ଖ୍ରୀଷ୍ଟ ଧର୍ମରେ ସେତେବେଳେ ଶିର୍କ୍ (ଈଶ୍ୱରଙ୍କ ସହିତ ଅନ୍ୟଙ୍କୁ ସମକକ୍ଷ କରିବା) ନଥିଲା । ସେହି ଫଳକଗୁଡ଼ିକରେ ଶିର୍କ ସମ୍ବଳିତ କୌଣସି ଶବ୍ଦର ଉଲ୍ଲେଖ ନଥିଲା । ଯୀଶୁ ଖ୍ରୀଷ୍ଟଙ୍କୁ ଜଣେ ଚରାଳୀ ରୂପେ ପ୍ରଦର୍ଶନ କରାଯାଏ। ତାଙ୍କର ମାତାଙ୍କ ପାଇଁ କୌଣସି ଅସାଧାରଣ ସମ୍ମାନ ବା ମର୍ଯ୍ୟାଦାର ନିଦର୍ଶନ ମିଳେ ନାହିଁ । ଅଧିକାଂଶ ଲୋକମାନେ ୟୁନିସ ଅ.ସ ନବୀଙ୍କ ଘଟଣାକୁ ଓ ନୁହ୍ ଅ.ସ ବାତ୍ୟାର ଶେଷରେ ଯେଉଁ ପାରା ଏହି କଥାର ସୂଚନା ଆଣିଥିଲା ଯେ, ପାଣି ପୃଥକ ହୋଇ ଭୂମି ଉଲଗ୍ନ ହୋଇଯାଇଛି । ଉକ୍ତ ଘଟଣାକୁ ଚିତ୍ର ଆକାରରେ ପ୍ରଦର୍ଶିତ ଓ ପ୍ରତିବିମ୍ବିତ କରାଯାଇଛି । ତହିଁରୁ ଏହା ପ୍ରତିତ ହୁଏ ଯେ, ପୁରାତନ ଚୁକ୍ତିନାମା କୁ ସେହି ଲୋକମାନେ ପରିତ୍ୟାଗ କରି ନଥିଲେ ଓ ମସିହ୍ ଅ.ସଙ୍କୁ କେବଳ ଜଣେ ଅବତାର ଓ ଆଧାତ୍ମିକ ଚରାଳୀ ବୋଲି ମନେକରୁଥିଲେ । **(କ୍ୟାଟାକମ୍ବସ୍‌ର ଘଟଣାବଳୀ ପାଇଁ ଇନ୍‌ସାକ୍ଲୋ ପିଡ଼ିଆ ବ୍ରିଟାନିକାର ଦି କ୍ୟାଟାକମ୍ବସ୍ ଆଟ୍ ରୋମ୍, ଲେଖକ୍- ବେଞ୍ଜାମିନ୍ ଇସ୍କଟ୍ ଓ ଡଃ. ମିଟ୍‌ଲ୍ୟାଣ୍ଡଙ୍କର ପୁସ୍ତକକୁ ଦେଖନ୍ତୁ)**

ସାରାଂଶ ଏହିକି ଯେ, ଅସ୍‌ହାବେ କହଫ୍‌ର ଘଟଣାବଳୀରେ ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରାରମ୍ଭିକ ପରିସ୍ଥିତିକୁ ଉପସ୍ଥାପିତ କରାଯାଇଛି ଓ କୁହଯାଇଛି ଯେ, ଖ୍ରୀଷ୍ଟ ଜାତି ଏହିପରି ପ୍ରାରମ୍ଭ ହୋଇଥିଲା ଯେ, ସେମାନେ ପିତୁଳା ପୂଜା ବିରୁଦ୍ଧରେ ଜିହାଦ୍ (ଧର୍ମଯୁଦ୍ଧ) କରୁଥିଲେ ଓ ଶିର୍କ ଠାରୁ (ଈଶ୍ୱରଙ୍କ ସହିତ ଅନ୍ୟଙ୍କୁ ସମକକ୍ଷ କରିବା) ବର୍ତ୍ତିବା ପାଇଁ ସେମାନେ ଦୀର୍ଘ ଶତାବ୍ଦୀ ପର୍ଯ୍ୟନ୍ତ ବୃହତ୍ ବଳିଦାନ ଦେଇଥିଲେ । କିନ୍ତୁ ଏହାର ପରିଣାମ ଏହା ହେଲା ଯେ, ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ପ୍ରକୃତ ଧର୍ମର କୌଣସି ଚିହ୍ନ ବର୍ଣ୍ଣ ମଧ ଦେଖିବାକୁ ମିଳୁ ନାହିଁ । **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-4, ପୃ-424, ପ୍ରକାଶନ ସ୍ଥାନ- କାଦିଆନ୍, 2010 ମସିହା)**

☆ ☆ ☆

## (ଖୁତ୍‌ବା ଜୁମା)

**ଶକ୍ତି, କରୁଣା ଏବଂ ସାମୀପ୍ୟତାର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଅଛି । କୃପା ଓ ଉପକାରର ନିଦର୍ଶନ ତୁମକୁ ପ୍ରଦାନ କରାଯାଉଛି ଏବଂ ବିଜୟ ଓ ସଫଳତାର କୁଞ୍ଜିକା ତୁମକୁ ପ୍ରଦାନ କରାଯାଉଛି । ହେ ବିଜୟୀ ! ତୁମକୁ ନମସ୍କାର ଜଣାଉଛି । "ତୁମକୁ ଶୁଭ ସମାଚାର ଯେ, ଏକ ପ୍ରତାପବାନ୍, ଶୁଭଦର୍ଶନ ଓ ପବିତ୍ର ସନ୍ତାନ ତୁମକୁ ପ୍ରଦାନ କରାଯିବ । ଜଣେ ସ୍ୱଚ୍ଛ ଓ ପବିତ୍ର ପୁତ୍ର ସନ୍ତାନ ତୁମକୁ ପ୍ରଦାନ କରାଯିବ । ସେହି ପୁତ୍ର ତୁମରି ଔରସରୁ ଓ ତୁମରି ସନ୍ତାନ ତଥା ତୁମରି ବଂଶରୁ ଜନ୍ମ ନେବ ।" ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଅଲ୍ଲାଃତାଲା ଯେଉଁ ଜ୍ଞାନ ଓ ପରିଚୟ ପ୍ରଦାନ କରିଥିଲେ ତା'ର ମୁକାବିଲା କୌଣସି ବଡ଼ ବଡ଼ ବିଦ୍ୱାନମାନେ ମଧ କରିପାରିବେ ନାହିଁ । ଆପଣ ର.ଅଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସାହିତ୍ୟ କୃତି ଜମାଅତ୍ ନିମନ୍ତେ ଏକ ବହୁମୂଲ୍ୟ ନିଧି ଅଟେ । ଆପଣ ର.ଅଙ୍କ ଖୁତ୍‌ବା ଓ ଉଦ୍‌ବୋଧନୀ, ବିଷୟ ବସ୍ତୁ ତଥା ଆଲେଖ୍ୟ ମଧ୍ୟରୁ ଅନେକ ପ୍ରକାଶ ଲାଭ ହୋଇ ସାରିଛି ଓ ଆଉ କିଛି ପ୍ରକାଶ ଲାଭ ହେବାକୁ ଅଛି । ଅତଃ ସେହି ପୁସ୍ତକ, ଖୁତ୍‌ବା, ଖିତାବାତ୍, ଆଲେଖ୍ୟ ଆଦିକୁ ଆମମାନଙ୍କୁ ପାଠ କରିବା ଉଚିତ୍ । ସେହି ପୁତ୍ର ଅର୍ଥାତ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଈଶ୍ୱରଙ୍କ ତରଫରୁ ପ୍ରକାଶ୍ୟଗତ ଜ୍ଞାନ ଓ ଆଭ୍ୟନ୍ତରୀଣ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବା, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ହେବା ତଥା ଅନ୍ୟାନ୍ୟ ବିଶେଷ ଗୁଣାବଳୀର ଅଧିକାରୀ ହେବାର ପର ଆପଣା ସମସ୍ତେ ସ୍ୱୀକାରୋକ୍ତି ପ୍ରକାଶ କରନ୍ତି । ସେମାନେ ଭଲ ଭାବରେ ଏକଥା ଜାଣିଛନ୍ତି ଏବଂ ଅଣ ଧର୍ମାବଲମ୍ବୀମାନେ ଆପଣ ର.ଅଙ୍କର ଭୂୟସୀ ତଥା ଉଚ୍ଚ ପ୍ରଶଂସା ମୁକ୍ତ କଣ୍ଠରେ କରିଛନ୍ତି ।**

**ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ ଯେ, ଆପଣ (ଅର୍ଥାତ ହ. ମୁସ୍‌ଲେହ୍ ମଉଦ୍ ର.ଅ)ଙ୍କ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ ଓ ବ୍ୟାଖ୍ୟା ସଂପୂର୍ଣ୍ଣ ଅନନ୍ୟ ଏବଂ ଆପଣ ଏକ ନୂତନ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଛନ୍ତି । ସ୍ୱକୀୟତା ଦୃଷ୍ଟିରୁ ଉକ୍ତ ତଫ୍‌ସିରଟି ସଂପୂର୍ଣ୍ଣ ରୂପେ ପ୍ରଥମ ଏବଂ ନୂତନ ତଫ୍‌ସିର୍ ଅଟେ । ଉକ୍ତ ତଫ୍‌ସିର୍‌ରେ ବୁଦ୍ଧି ଏବଂ ଲେଖନୀଗତ କଳାଗତ ଚମତ୍କାରିତାକୁ**

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାହତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 05-OCTOBER 2023 Issue No.-40

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆପଣ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବ୍ୟାଖ୍ୟା କରିଛନ୍ତି । ଭାବରେ ବ୍ୟଖ୍ୟା କରିଛନ୍ତି । (ଅଲ୍ଲାମା ନିୟାଜ୍ ଫତେହ୍ ପୁରୀ) ।

ମିର୍ଜା ମେହ୍‌ମୁଦଙ୍କ ଦ୍ୱାରା ଲିଖିତ ବ୍ୟାଖ୍ୟା ପରି ଅନ୍ୟ କୌଣସି ବ୍ୟଖ୍ୟା କୌଣସି ଭାଷାରେ ଦେଖିବାକୁ ମିଳୁ ନାହିଁ । ଆପଣମାନେ ମିସର୍ ସିରୀୟାରୁ ନୂତନ ତଫସିର୍ ବରାଦ୍ କରି ନିଅନ୍ତୁ ଓ କିଛି ମାସ ପରେ ମୋ ସହିତ କଥାବାର୍ତ୍ତା କରନ୍ତୁ । (ଅଖ୍‌ତର୍ ଓରେନ୍‌ୱୀ)

ହେ ଏହରାରୀମାନେ ! କାନ ଖୋଲି ଶୁଣିନିଅ ତୁମେ ଓ ତୁମର ଚିହ୍ନା ପରିଚୟ ବିଦ୍ୱାନମାନେ ମିର୍ଜା ମେହ୍‌ମୁଦର ମୁକାବିଲା ପ୍ରଳୟ ଦିବସ ପର୍ଯ୍ୟନ୍ତ କରିପାରିବେ ନାହିଁ । ମିର୍ଜା ମେହ୍‌ମୁଦ୍ ନିକଟରେ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ ରହିଛି । (ମୌଲବୀ ଜଫର୍ ଅଲୀ ଖାନ୍)

ମୁଁ ମଧ ମାନବିକ ଇତିହାସ ସଂପର୍କରେ ବିଜ୍ଞ ଓ ଅଭିଜ୍ଞ ଅଟେ ଏବଂ ମୁଁ ଦାବିର ସହିତ କହିପାରିବି ଯେ, ମୁସଲମାନ କ'ଣ ଏବଂ ଅଣ ମୁସଲମାନ କ'ଣ ଖୁବ୍ କିଞ୍ଚିତ ଇତିହାସବିତ୍‌ମାନେ ଅଛନ୍ତି ଯେଉଁମାନେ ହ. ଉସ୍‌ମାନ ର.ଅଙ୍କ ଶାସନକାଳରେ ସୃଷ୍ଟି ହୋଇଥିବା ମତପାର୍ଥକ୍ୟର ମୂଳ କାରଣ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ? ସେମାନେ ଏହି ମାରାତ୍ମକ ଏବଂ ପ୍ରଥମ ଗୃହଯୁଦ୍ଧର ପ୍ରକୃତ କାରଣକୁ ବୁଝିବାରେ ସଫଳ ହୋଇଛନ୍ତି କି ? ହ. ମିର୍ଜା ସାହେବ ନା କେବଳ ଗୃହଯଦ୍ଧର ମୂଳ କାରଣ ବିଷୟରେ ବୁଝିବାକୁ ସଫଳ ହୋଇଛନ୍ତି ତାହା ନୁହେଁ ବରଂ ସେ ଅତ୍ୟନ୍ତ ସ୍ପଷ୍ଟ ଏବଂ ଅହରହ ବ୍ୟାଖ୍ୟାତ୍ମକ ବାକ୍‌ଚାତୁରୀ ଶୈଳୀରେ ସେହି ଘଟଣାବଳୀକୁ ବର୍ଣ୍ଣନା କରିଛନ୍ତି । ଯଦ୍ଦ୍ୱାରାକି ଖିଲାଫତ୍‌ର ପ୍ରାସାଦ ଦୀର୍ଘ କାଳ ପର୍ଯ୍ୟନ୍ତ ଦୋହଲି ରହିଥିଲା । (ସୟଦ୍ ଅବ୍‌ଦୁଲ୍ କାଦିର୍ ସାହେବ ଏମ୍.ଏ)

ହ. ମସିହ୍ ମଉଦ୍ ଅ.ସ ଯେଉଁ କଥାଗୁଡ଼ିକ ଭବିଷ୍ୟତବାଣୀରେ ବର୍ଣ୍ଣନା କରିଥିଲେ କିମ୍ବା ଏହା କହିବା ଉଚିତ୍ ଯେ, ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଯେଉଁ ଭବିଷ୍ୟତବାଣୀ ସଂପର୍କରେ ସୂଚିତ କରିଥିଲେ ତାହା ମିର୍ଜା ବଶୀରୁଦ୍ଦୀନ୍ ମେହ୍‌ମୁଦ୍ ଅହେମଦ୍ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଠାରେ ପୂର୍ଣ୍ଣ ହୋଇଛି ।

ମୁସ୍‌ଲେହ୍ ମଉଦ୍ ଦିବସ ଉପଲକ୍ଷେ ହ. ମୁସ୍‌ଲହ୍ ମଉଦ୍ ର.ଅଙ୍କ କେତେକ ଜ୍ଞାନଭିତ୍ତିକ କୃତିତ୍ୱର ସମ୍ୟକ ଚର୍ଚ୍ଚା ଓ ହୁଜୁର୍ ର.ଅଙ୍କ ଅନୁବାଦ ଏବଂ ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟା, ସେହିପରି କେତେକ ଅଭିଭାଷଣ ସଂକ୍ରାନ୍ତରେ ଅଣଅହେମଦି ଓ ମନିଷୀମାନଙ୍କର ପ୍ରଶଂସନୀୟ ପ୍ରତିକ୍ରିୟା ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ [ଅ.ବ] ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**17 Feb 2023 ମସିହା ଅନୁଯାୟୀ ୧୭ ତବ୍‌ଲିଗ୍ /୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜଜ୍ କହିଲେ; ଯେପରିକି ପ୍ରତ୍ୟେକ ଅହେମଦି ଏକଥା ଜାଣନ୍ତି ଯେ, ୨୦ ଫେବୃୟାରୀର ଦିନକୁ ଜମାଅତ୍ ଅହେମଦିୟାରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ନାମରେ ସ୍ମରଣ କରାଯାଏ। ଇତ୍ୟବସରରେ ବିଭିନ୍ନ ଜମାଅତ୍‌ରେ ଜଲ୍‌ସା ମଧ୍ୟ ହୋଇଥାଏ । ଉକ୍ତ ଭବିଷ୍ୟତବାଣୀ ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ ଏକ ସୁଯୋଗ୍ୟ ସନ୍ତାନ ଏବଂ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ ।

ସେହି ଭବିଷ୍ୟତବାଣୀ ଥିଲା ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିବ ଓ ସେ ଅନେକ ଗୁଣାବଳୀର ଅଧିକାରୀ ହେବ । ଅଲ୍ଲାଃତାଲାଙ୍କ ବିଶେଷ କୃପା ଓ ସମର୍ଥନ ତା'କୁ ପ୍ରାପ୍ତ ହେବ । ହ. ମସିହ୍ ମଉଦ୍ ଅ.ସ ଏହି ଭବିଷ୍ୟତବାଣୀକୁ ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି । ସୁତରାଂ ଆପଣ ଅ.ସ କୁହନ୍ତି: ପ୍ରଥମ ଭବିଷ୍ୟତବାଣୀ ଅଲ୍ଲାଃତାଲାଙ୍କ ଐଶୀବାଣୀ ସହିତ, ତାହାଙ୍କ ନିଦର୍ଶନ ସହିତ, ଅନାଦି ଓ ସାର୍ବକାଳୀକ, ଅଶେଷ ଦୟାବାନ ଓ ସଦାକରୁଣାମୟ ପ୍ରଭୁ ଯେକି ପ୍ରତ୍ୟେକ ବସ୍ତୁ ଉପରେ କାଦିର୍ (ଶକ୍ତିଶାଳୀ ତଥା ସମାର୍ଥ୍ୟବାନ) ଅଟନ୍ତି । ଯାହାଙ୍କ ମର୍ଯ୍ୟାଦା ଓ ଯାହାଙ୍କ ପ୍ରସିଦ୍ଧି ସର୍ବ ବିଦିତ ଅଟେ । ସେ ମୋତେ ଐଶୀବାଣୀ ମାଧ୍ୟମରେ ସମ୍ବୋଧିତ କରି କହିଲେ, "ମୁଁ ତୁମ୍ଭକୁ ଏକ ଦୟା ଓ ଅଲୌକିକ କରୁଣାମୂଳକ ନିଦର୍ଶନ ପ୍ରଦାନ କରୁଛି । ଅର୍ଥାତ ତୁମ୍ଭେ ମୋତେ ଯେଉଁ ନିଦର୍ଶନ ଭିକ୍ଷା କରିଥିଲ ତଦନୁଯାୟୀ ମୁଁ ତୁମ୍ଭକୁ ସେହି ନିଦର୍ଶନ ପ୍ରଦାନ କରୁଛି । ତେଣୁ ମୁଁ ତୁମ୍ଭର ବିଳାପକୁ ଶୁଣିଲି ଓ ତୁମ୍ଭର ପ୍ରାର୍ଥନାକୁ ନିଜ ଅସୀମ ଦୟା ବଳରେ ସ୍ୱୀକୃତି ପ୍ରଦାନ କଲି । ତୁମ୍ଭର ଯାତ୍ରାକୁ (ଯାହା ହୋଶିୟାରପୁର ଓ ଲୁଧିଆନାର ଯାତ୍ରା ଅଟେ) ତୁମ୍ଭ ପାଇଁ କଲ୍ୟାଣମୟ କରିଦେଲି । ସୁତରାଂ ଶକ୍ତି, କରୁଣା ଏବଂ ସାମୀପ୍ୟତାର ନିଦର୍ଶନ ତୁମ୍ଭକୁ ପ୍ରଦାନ କରାଯାଉଅଛି। କୃପା ଓ ଉପକାରର ଅଲୌକିକ ନିଦର୍ଶନ ତୁମକୁ ପ୍ରଦାନ କରାଯାଉଛି ଏବଂ ବିଜୟ ଓ ସଫଳତାର କୁଞ୍ଜିକା ତୁମକୁ ପ୍ରଦାନ କରାଯାଉଛି । ହେ ବିଜୟୀ ! ତୁମକୁ ନମସ୍କାର ଜଣାଉଛି ।"

ପ୍ରଭୁ ଏହା ଏଇଥି ପାଇଁ କହିଲେ ଯେ, ଯେଉଁମାନେ ଜୀବନ ପ୍ରାପ୍ତ କରିବାକୁ ଆଶାବୀଦୀ ସେମାନେ ମୃତ୍ୟୁର ପଞ୍ଝାରୁ ମୋକ୍ଷ ପ୍ରାପ୍ତ କରନ୍ତୁ । ଯେଉଁମାନେ କବରରେ ଦବି ଯାଇଛନ୍ତି ସେମାନେ ବାହାରକୁ ବାହାରି ଆସନ୍ତୁ । କାରଣ ଇସ୍‌ଲାମ୍ ଧର୍ମର ଖ୍ୟାତି ଓ ଐଶୀବାଣୀର ମର୍ଯ୍ୟାଦା ଲୋକମାନଙ୍କ ଆଗରେ ପ୍ରକାଶିତ ହୋଇଯାଉ, ସତ୍ୟ ନିଜର ସମସ୍ତ କଲ୍ୟାଣ ସହିତ ଆସିଯାଉ ଓ ଅସତ୍ୟ ନିଜର ସମସ୍ତ ଅଶୁଭ ତଥା ଅମଙ୍ଗଳ ସହିତ ପଳାୟନ କରୁ । ଲୋକମାନେ ବୁଝି ନିଅନ୍ତୁ ଯେ, ମୁଁ (ଅଲ୍ଲାଃତାଲା) ସର୍ବ ଶକ୍ତିମାନ ଅଟେ । ମୁଁ ଯାହା ଚାହିଁବି ତାହା କରିବି ଓ ଲୋକମାନେ ତୁମ୍ଭ ଉପରେ ବିଶ୍ୱାସ ସ୍ଥାପନ କରନ୍ତୁ । କାରଣ ମୁଁ ତୁମ୍ଭ ସାଥିରେ ଅଛି । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ..................)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan